








## ତାଳଦଣ୍ଡାରୁ ଯୁବକଙ୍କ ମୃତଦେହ ଉଦ୍ଧାର

**କଟକ, ୧୫ ।୩(ସମିସ):** ମଙ୍ଗଳାବାଗ ଥାନା ପୁଲିସ ତାଳଦଣ୍ଡା କେନାଲରୁ ଆଜି ଜଣେ ଅପରିଚିତ ଯୁବକର ମୃତଦେହ ଉଦ୍ଧାର କରିଛି । ରାଣୀହାଟ ତେଲିସାହି ସମ୍ମୁଖ ତାଳଦଣ୍ଡା କେନାଲରେ ଏକ ମୃତଦେହ ଭାସୁଥିବାର ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ । ଖବର ପାଇ ମଙ୍ଗଳାବାଗ ଥାନା ପୁଲିସ ପହଞ୍ଚି ଅଗ୍ନିଶମ ଟିମ ସହାୟତାରେ କ୍ଲକ୍ ଟାୱାର ନିକଟରୁ ମୃତଦେହକୁ କେନାଲରୁ କାଢିଥିଲା । ମୃତକଙ୍କ ବୟସ ୩୦ରୁ ୩୩ ବର୍ଷ ହେବ । ଉଚ୍ଚତା ୫ ଫୁଟ ୪ ଇଞ୍ଚ । ଉଭୟ ବାମ ଓ ଡାହାଣ ହାତରେ ଟାଟୁ ରହିଛି । ମୃତ ଯୁବକ ଜଣକ ଏକ ଖଇରିଆ ରଙ୍ଗର ହାଫ ପ୍ୟାଣ୍ଟ ପିନ୍ଧିଥିବା ଦେଖିବାକୁ ମିଳିଛି । ପୁଲିସ ଶବକୁ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଛି । ପାରିପାର୍ଶ୍ୱିକ ସ୍ଥିତିରୁ କେନାଲରେ ବୁଡି ଯୁବକର ମୃତ୍ୟୁ ଘଟିଥିବା ପୁଲିସ ସନ୍ଦେହ କରୁଛି । ଶବ ଚିହ୍ନଟ ପାଇଁ ପୁଲିସ କଟକ ଯୁପିଡି ସମେତ ଜିଲ୍ଲାର ବିଭିନ୍ନ ଥାନାକୁ ମୃତକଙ୍କ ଫଟୋ ପଠାଇଛି । ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

## ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତ୍ୟାହାର ଦାବିରେ ବିକ୍ଷୋଭ




**କଟକ, ୧୫ ।୩(ସମିସ):** ଭାରତୀୟ କମ୍ୟୁନିଷ୍ଟ ପାର୍ଟିର କଟକ ଜିଲ୍ଲା କମିଟି ପକ୍ଷରୁ ସମ୍ଭାବିତ ବିଜୁଳି ଶୁଳ୍କ ବୃଦ୍ଧି ପ୍ରତ୍ୟାହାର, ୩୦୦ ୟୁନିଟ୍ ବିଜୁଳି ମାଗଣାରେ ଗ୍ରାହକମାନଙ୍କୁ ଯୋଗଇଦେବା, ଗ୍ରାହକଙ୍କ ଠାରୁ ଜୁଲମ କରି ଜରିମାନା ଆଦାୟ ବନ୍ଦ କରିବା, ଅଘୋଷିତ ବିଜୁଳି କାଟ ବନ୍ଦ କରିବା, ଲୋ ଭୋଲଟେଜ୍‌ଜନିତ ସମସ୍ୟାର ଆଶୁ ସମାଧାନ କରିବା, ଏବଂ ଶଙ୍କରପୁର ବାସିନ୍ଦାଙ୍କର ଉଚ୍ଛେଦ ହୋଇଥିବା ଜମିକୁ ତୁରନ୍ତ ଜମି ମାଲିକଙ୍କୁ ଫେରାଇ ଦେବା ଦାବିରେ ଆଜି କଟକ ବାଦାମବାଡି ଅନୁଗୁଳ ବସଷ୍ଟାଣ୍ଡରେ ସିପିଆଇ କର୍ମୀମାନେ ଧାରଣାରେ ବସିଥିଲେ । ଏକ ଶୋଭାଯାତ୍ରାରେ ଯାଇ ପାଲାମଣ୍ଡପ ଟିପିସିଏଓଡିଲ କାର୍ଯ୍ୟାଳୟ ଘେରାଉ କରିଥିଲେ । ସେଠାରେ ସୁପରିଣ୍ଟେଣ୍ଡେଣ୍ଟ ବିକ୍ଷୋଭସ୍ଥଳକୁ ଆସି ବିକ୍ଷୋଭକାରୀଙ୍କ ଠାରୁ ଦାବି ପତ୍ର ଗ୍ରହଣ କରିଥିଲେ । ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ଅମରେନ୍ଦୁ ମହାନ୍ତିଙ୍କ ନେତୃତ୍ୱରେ ସିପିଆଇ କଟକ ଜିଲ୍ଲା ପରିଷଦ ପକ୍ଷରୁ ସମ୍ପାଦକ ବିନୋଦ ବେହେରା, ସହସମ୍ପାଦକ ଉଦୟ କେଶରୀ ବର୍ମା, ତ୍ରୈଲୋକ୍ୟ ନାଥ, ନଗର ସମ୍ପାଦକ ପ୍ରସନ୍ନ ମହାପାତ୍ର, ମାହାଙ୍ଗା ଜୋନରୁ ହୃଷିକେଶ ଦାସ, ମନୋଜ ଭୂୟାଁ, ଜଗତପୁର ଆଞ୍ଚଳିକ କମିଟି ପକ୍ଷରୁ କୈଳାଶ ବାରିକ, ପ୍ରମୋଦ ପ୍ରଧାନ, କାଶୀନାଥ ସାହୁ, ଝିଲ୍ଲି ବିଶୋଇ, ଶିବ ବେହେରା, ଅକ୍ଷୟ ସାହୁ, ଛବି ଖୁଣ୍ଟିଆ, ସୁକାନ୍ତୀ ପଡ଼ିହାରୀ, ରଶ୍ମିରେଖା ମହାନ୍ତି, ପୂର୍ଣ୍ଣିମା ମହାନ୍ତି, ନିରଞ୍ଜନ ସାହୁ, ମିନୁଆ ପରିଡ଼ା, ମଣ୍ଟୁ ପ୍ରଧାନ, ସାମ୍ବାଦିକ ଶରତ ଦାଶ, ଗୌତମ ଦାସ, ଲକ୍ଷ୍ମୀ ମହାନ୍ତି, ମୋହନ ନାୟକ, ବିଜୟ ବେନ, ସୁଦାମ ବାରିକ, ନେନା ଦେହୁରୀ, ନିତ୍ୟାନନ୍ଦ ନାୟକ, ରଞ୍ଜନ ପରିଡ଼ା ପ୍ରମୁଖ ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ ।

### ମେଟ୍ରୋ ଆଉ ସ୍ୱପ୍ନ ନୁହେଁ

# ୧୯ଟି ଷ୍ଟେସନ୍ ପାଇଁ ଟେଣ୍ଡର୍ ଆହ୍ୱାନ

ଭୁବନେଶ୍ୱର, ୧୫ ।୩ (ସମିସ)

ଭୁବନେଶ୍ୱରରୁ ମେଟ୍ରୋ ପ୍ରକଳ୍ପରେ ଯୋଜନା କରାଯାଇଥିବା ମୋଟ୍ ୨୦ଟି ଷ୍ଟେସନ୍‌ରୁ ୧୯ଟି ଷ୍ଟେସନ୍ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକଳ୍ପ ନିର୍ମାଣ ଦାୟିତ୍ୱ ନେଇଥିବା ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନ୍ ପକ୍ଷରୁ ଭିନ୍ନଭିନ୍ନ ୩ଟି ପର୍ଯ୍ୟାୟରେ ଏହି ଟେଣ୍ଡର୍ ଆହ୍ୱାନ କରାଯାଇଛି । ପ୍ରଥମେ ୬ ଷ୍ଟେସନ୍ ଯଥା କ୍ୟାପିଟାଲ୍ ହସ୍ପିଟାଲ, ବାପୁଜୀନଗର, ଭୁବନେଶ୍ୱର ରେଳଷ୍ଟେସନ୍, ରାମମନ୍ଦିର ଛକ, ବାଣୀବିହାର ଓ ଆଚାର୍ଯ୍ୟ ବିହାର ଛକ ଆଦି ସ୍ଥାନରେ ଷ୍ଟେସନ୍ ନିର୍ମାଣ ସହ ଏଲେଭେଟ୍‌ର ଲାଇନ୍ ବିଛାଇବା ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିବା ବେଳେ ଏବେ ଆଉ ୨ଟି ଟେଣ୍ଡର୍‌ରେ ୭ଟି ଓ ୬ଟି ଷ୍ଟେସନ୍ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି । ଏଥିରେ ଜୟଦେବବିହାର-କିଟ୍ ଛକ ଓ ନନ୍ଦନକାନନରୁ ତ୍ରିଶୁଳିଆ ପର୍ଯ୍ୟନ୍ତ ଷ୍ଟେସନ୍ ନିର୍ମାଣ ଓ ଲାଇନ୍ ବିଛାଇବା ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି । ଏହି ୩ଟି ପ୍ୟାକେଜ୍ ପାଇଁ ଯଥାକ୍ରମେ

**୨୧୬୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ କାମ**

୬୩୦ କୋଟି, ୬୬୪ କୋଟି ଓ ୮୬୯ କୋଟି ଟଙ୍କା ରହିଛି । ଏଥିରେ ମେଟ୍ରୋ ଡିପୋ ପାଇଁ ରାମ୍ପ ନିର୍ମାଣ ବାବଦକୁ ଅର୍ଥ ମଧ୍ୟ ସାମିଲ୍ କରାଯାଇଛି । ଏହି ୧୯ଟି ଷ୍ଟେସନ୍ ବ୍ୟତୀତ ଆଉ ଗୋଟିଏ ଷ୍ଟେସନ ଭୁବନେଶ୍ୱର ବିମାନବନ୍ଦର ଷ୍ଟେସନ୍ ପାଇଁ ଟେଣ୍ଡର ବାକି ରହିଛି । ସମ୍ଭବତଃ ବିମାନବନ୍ଦର କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ମିଳି ନଥିବାରୁ ଏହି କାର୍ଯ୍ୟ ପାଇଁ ଟେଣ୍ଡର ହୋଇପାରି ନାହିଁ । ଏହି ଅନୁମତି ମିଳିବା ପରେ ଏଠାରେ ଷ୍ଟେସନ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯିବ ବୋଲି ଜଣାପଡ଼ିଛି ।

ଗତ ନୂଆବର୍ଷ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ଏହି ବହୁପ୍ରତୀକ୍ଷିତ ପ୍ରକଳ୍ପର ଭିତ୍ତି ସ୍ଥାପନ କରିବା ପରେ ଏହି ମେଟ୍ରୋ ପ୍ରକଳ୍ପ ପାଇଁ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି । ଦିଲ୍ଲୀ ମେଟ୍ରୋ କର୍ପୋରେସନ୍‌କୁ ରାଜ୍ୟର ମେଟ୍ରୋ ପ୍ରକଳ୍ପର ଦାୟିତ୍ୱ ଦିଆଯାଇଛି । ଏଥିପାଇଁ ଫୁଲପୋଖରୀ ନିକଟରେ ଦିଲ୍ଲୀ ମେଟ୍ରୋ ପକ୍ଷରୁ ମେଟ୍ରୋ ଡିପୋ ନିର୍ମାଣ କରାଯିବା ପାଇଁ ନିଷ୍ପତ୍ତି ହୋଇଛି । ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକୁ ଆଗକୁ ନେବା ପାଇଁ ରାଜ୍ୟ ସରକାର ପ୍ରାଥମିକ ପର୍ଯ୍ୟାୟରେ କାମଚଳା ବଜେଟ୍‌ରେ ୧ ହଜାର କୋଟି ଟଙ୍କା ବ୍ୟବସ୍ଥା କରାଯାଇଥିବା ବେଳେ ୧୯ ଷ୍ଟେସନ ପାଇଁ ୨୧୬୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଛି । ମେଟ୍ରୋ ରେଳ କର୍ପୋରେସନ ନିର୍ଦ୍ଦେଶକ ମଣ୍ଡଳୀ ପରିଷଦ ଓ ରାଜ୍ୟ ସ୍ତରୀୟ ପ୍ରକଳ୍ପ ତଦାରକ କମିଟି ବୈଠକରେ ମଧ୍ୟ ମେଟ୍ରୋ ରେଳ ପ୍ରକଳ୍ପ କାମକୁ ବାରମ୍ବାର ସମୀକ୍ଷା କରାଯାଉଛି । ଗତ ଫେବୃଆରୀରେ ଏହି ଦୁଇ ଉଚ୍ଚସ୍ତରୀୟ କମିଟି ବୈଠକରେ ଆସନ୍ତା ୬ ମାସ ମଧ୍ୟରେ ମେଟ୍ରୋ ପକ୍ରଳ୍ପ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ଟେଣ୍ଡର ପ୍ରକ୍ରିୟା ସାରାକିବାକୁ ନିଷ୍ପତ୍ତି ହୋଇଛି । ଏଥିରେ ଭୂମି ଯୋଜନା ଓ ଗଠନ ବ୍ୟବସ୍ଥା, ସିଭିଲ କାମ, ବିଭିନ୍ନ ଉପଯୋଗିତା ସ୍ଥାନାନ୍ତର ଆଦି ସମ୍ପର୍କରେ ଟେଣ୍ଡର କାର୍ଯ୍ୟ ସରିବା ପାଇଁ ଯୋଜନା କରାଯାଇଛି । ଯାହାର ପରିଣାମସ୍ୱରୂପ ଏହି ଗୁରୁତ୍ୱପୂର୍ଣ୍ଣ ଟେଣ୍ଡର ଆହ୍ୱାନ କରାଯାଇଥିବା ଜଣାପଡ଼ିଛି ।

### ■ ହାଇକୋର୍ଟରେ ରତ୍ନ ଭଣ୍ଡାର ଚାବି ହଜିବା ମାମଲା

## ତଦନ୍ତ କମିସନ ରିପୋର୍ଟର ସ୍ଥିତି ଜଣାଇବେ ସରକାର

କଟକ, ୧୫ ।୩ (ସମିସ): ଶ୍ରୀଜଗନ୍ନାଥ ମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାର ଆଜି ଶୁଣାଣି କରିଛନ୍ତି ହାଇକୋର୍ଟ । ଏହି ମାମଲାରେ ଜଷ୍ଟିସ ରଘୁବୀର ଦାଶ ତଦନ୍ତ କମିସନ୍ ଦାଖଲ କରିଥିବା ରିପୋର୍ଟର ସ୍ଥିତି ସଂକ୍ରାନ୍ତରେ ଜଣାଇବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଥିବା ବେଳେ ଏହାକୁ ରାଜ୍ୟ ସରକାର ଦାଖଲ କରିନାହାନ୍ତି । ଏହି ପ୍ରସଙ୍ଗରେ ସତ୍ୟପାଠ ଦାଖଲ ପାଇଁ ସରକାର ଆଉ ତିନି ସପ୍ତାହ ସମୟ ମାଗିଛନ୍ତି ଏବଂ ଅଦାଲତ ମଧ୍ୟ ମହଲତ ପ୍ରଦାନ କରିଛନ୍ତି । ଆସନ୍ତା ୩ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଦିଲ୍ଲୀପ କୁମାର ବରାଳଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଏପ୍ରିଲ ୫କୁ ଧାର୍ଯ୍ୟ ହୋଇଛି ।

## କମିଶନରଙ୍କ ସହ ଶାନ୍ତି କମିଟି କର୍ମକର୍ତ୍ତାଙ୍କ ଆଲୋଚନା

କଟକ, ୧୫।୩(ସମିସ)




ଆଜି କଟକ ମହାନଗର ଶାନ୍ତି କମିଟିର କର୍ମକର୍ତ୍ତାମାନେ କଟକ ମହାନଗର ନିଗମର ନୂତନ କମିଶନର ବିଜୟ ଦାସଙ୍କ ସହ ତାଙ୍କ କାର୍ଯ୍ୟାଳୟରେ ସୌଜନ୍ୟତାମୂଳକ ସାକ୍ଷାତ-ଆଲୋଚନା କରିଥିଲେ । ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ଦୋଳ ମେଳଣର ସଫଳତା ପାଇଁ ରାସ୍ତାଘାଟ ପରିଷ୍କାର ପରିଚ୍ଛନ୍ନ ସହ ଆବଶ୍ୟକ ସ୍ଥଳେ ମରାମତି, ଗଛଡାଳ କାଟିବା ସହ ରାସ୍ତାକୁ ଝୁଲିଥିବା ତାର ଗୁଡିକର ଅପସାରଣ କରିବା ଏବଂ ମେଳଣ ସ୍ଥଳରେ ଭ୍ରାମ୍ୟମାଣ ପରିସ୍ରାଗାର ରଖିବା ପାଇଁ ନିବେଦନ କରାଯାଇଥିଲା । ଶ୍ରୀ ଦାସ ଏହି ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ କମିଟି ପକ୍ଷରୁ କମିଶନର ଶ୍ରୀ ଦାସଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଆଲୋଚନା ସମୟରେ ମେୟର ଶ୍ରୀ ସୁବାସ ସିଂହ ଓ ଶାନ୍ତି କମିଟିର ସଭାପତି ଦେବେନ୍ଦ୍ରନାଥ ସାହୁ, ସାଧାରଣ ସମ୍ପାଦକ ଭିକାରୀ ଦାସ, ଉପସଭାପତି ନୃସିଂହଚରଣ ସାହୁ, ଦେବାଶିଷ ରାୟ ଓ ଦେବେନ୍ଦ୍ର କୁମାର କାହାଳୀ, ସଂଗଠନ ସମ୍ପାଦକ ନରେଶଚନ୍ଦ୍ର ସାହୁ, ସହ-ସମ୍ପାଦକ ରବୀନ୍ଦ୍ର ବେହେରା, ଡ଼. ଦ୍ୱିପାୟନ ପଟ୍ଟନାୟକ ଓ ମୀନକେତନ ଦାସ, କାର୍ଯ୍ୟାଳୟ ସମ୍ପାଦକ କେଦାର ବେହେରା, ସହ-ସମ୍ପାଦକ ସୁଦୀପ୍ତକୁମାର ସ୍ୱାଇଁ ଓ ବିରଞ୍ଚିନାରାୟଣ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

### ■ ଏସ୍‌ସିବି ମେଡିକାଲ

## ଆସନ୍ତା ସପ୍ତାହରୁ ଯକୃତ ପ୍ରତ୍ୟାରୋପଣ

**କଟକ, ୧୫।୩(ସମିସ):** ଏସ୍‌ସିବି ମେଡିକାଲରେ ଯକୃତ ପ୍ରତ୍ୟାରୋପଣ ଆରମ୍ଭ ନେଇ ପ୍ରସ୍ତୁତି ଶେଷ ହେଲାଣି । ମଡୁଲାର ଓ.ଟି ପ୍ରସ୍ତୁତ ହୋଇ ରହିଛି ଏବଂ ପ୍ରତ୍ୟାରୋପଣ ନିମନ୍ତେ ଆବଶ୍ୟକୀୟ ସମସ୍ତ ଉପକରଣ ପହଞ୍ଚି ସାରିଛି । କିଛି ଦିନ ପୂର୍ବେ ଟେଣ୍ଡର ମାଧ୍ୟମରେ ଏସବୁ ଉପକରଣ କିଣାଯାଇଥିଲା । ଜନୈକ ଅଧିକାରୀଙ୍କ କହିବା ମୁତାବକ, ଗୁରୁବାର ଦିନ ଯକୃତ ପ୍ରତ୍ୟାରୋପଣ ହୋଇଥାନ୍ତା । ହେଲେ କିଛି ନିର୍ଦ୍ଦିଷ୍ଟ କାରଣ ପାଇଁ ପ୍ରତ୍ୟାରୋପଣ ହୋଇ ପାରିଲା ନାହିଁ । ଏପରିକି ହାଇଦ୍ରାବାଦର ଏଆଇଜି ଟିମ୍ ପହଞ୍ଚିଲାନାହିଁ । ଅପରପାର୍ଶ୍ୱରେ ପ୍ରତ୍ୟାରୋପଣ ନିମନ୍ତେ ଯକୃତ ରୋଗୀ ଏବଂ ଦାତା ମଧ୍ୟ ଚୂଡାନ୍ତ ହୋଇ ସାରିଛନ୍ତି । ଏମାନଙ୍କୁ ୱାର୍ଡରେ ରଖାଯାଇଛି । ତେବେ ଆସନ୍ତା ସପ୍ତାହରେ ବଡ ମେଡିକାଲରେ ଯକୃତ ପ୍ରତ୍ୟାରୋପଣ ହେବ ବୋଲି ସେ କହିଛନ୍ତି । ପ୍ରକାଶଥାଉକି, ଦୀର୍ଘବର୍ଷ ହେବ ଯକୃତ ପ୍ରତ୍ୟାରୋପଣ ନିମନ୍ତେ ଉଦ୍ୟମ କରାଯାଉଛି । ରାଜ୍ୟ ସରକାର ଏ ବାବଦରେ କୋଟି କୋଟି ଟଙ୍କା ବିନିଯୋଗ କରିଛନ୍ତି ।

## ୨୮ ନମ୍ବର ୱାର୍ଡରେ କଂଗ୍ରେସ ସମ୍ମିଳନୀ

**କଟକ, ୧୫ ।୩(ସମିସ):** ଆଜି ସନ୍ଧ୍ୟାରେ ୱାର୍ଡ ନମ୍ବର-୨୮ କଂଗ୍ରେସ ସମ୍ମିଳନୀ ବଙ୍ଗାଳୀ ସ୍ଥିତ ମଠ ପଡ଼ିଆଠାରେ କଂଗ୍ରେସ ନେତା ଲକ୍ଷ୍ମୀ ପ୍ରକାଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କଂଗ୍ରେସ ସମ୍ମିଳନୀରେ କଂଗ୍ରେସ ନେତା ମହମ୍ମଦ ମୋକିମ ଯୋଗଦେଇ ୱାର୍ଡ ଓ ବୁଥସ୍ତରରେ କିପରି ସଂଗଠନକୁ ଆହୁରି ସୁଦୃଢ କରିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ଶେଷରେ ପୂର୍ବତନ ୱାର୍ଡ ସଭାପତି ଦେବୀପ୍ରସନ୍ନ ମହାପାତ୍ର ଧନ୍ୟବାଦ ଦେଇଥିଲେ । ଏଥିରେ ବରିଷ୍ଠ କଂଗ୍ରେସ ନେତା ଗିରିବାଳା ବେହେରା, ଜୀବନ ମହାନ୍ତି, ରାଜେନ୍ଦ୍ର ମହାନ୍ତି, ସରୋଜ ମହାପାତ୍ର, ସୂର୍ଯ୍ୟ ନାରାୟଣ ଆଚାର୍ଯ୍ୟ, ସୁରେଶ ଚନ୍ଦ୍ର ସାହୁ, ମୂରବୀ ଜାଫର ଖାଁ, କଟକ ଜିଲ୍ଲା ମହିଳା କଂଗ୍ରେସ ସଭାପତି ଅମ୍ରିତା ଦାସ, ପୂର୍ବତନ କର୍ପୋରେଟର କେଦାର ପୃଷ୍ଟି, ପ୍ରତାପ ମହାପାତ୍ର, ଅମ୍ବିକା ତ୍ରିପାଠୀ, ସଞ୍ଜୀବ ସାହୁ, ବିବେକାନନ୍ଦ ପାତ୍ର, ସେକ ସମିମ୍, ପ୍ରଦୀପ୍ତ ଜେନା, ପୁଟୁ ଯାଦବ, ଦେବେନ୍ଦ୍ର ପ୍ରସାଦ ସେଠୀ, ବ୍ରଜ କିଶୋର ସାହୁ, କାର୍ତ୍ତିକ ବେହେରା, କାଶୀନାଥ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଏସ୍‌ସିବିରୁ ପୁଣି ୨ ଦଲାଲ ଗିରଫ

**ଟାର୍ଗେଟ୍‌ରେ ନନ୍‌ଟ୍ରମା କାଜୁଆଲିଟି**

**ଡିସିପିଙ୍କ ନିର୍ଦ୍ଦେଶରେ କଡା କାର୍ଯ୍ୟାନୁଷ୍ଠାନ ନେଉଛି ସ୍ପେଶାଲ୍ ସ୍କ୍ୱାଡ୍**

କଟକ, ୧୫ ।୩(ସମିସ)



ଏସ୍‌ସିବି ମେଡିକାଲରୁ ପୁଣି ୨ ଜଣ ଦଲାଲଙ୍କୁ ମଙ୍ଗଳାବାଗ ଥାନା ପୁଲିସ ଆଜି ଗିରଫ କରିଛି । ଅଭିଯୁକ୍ତ ଦ୍ୱୟ ହେଲେ ଗଞ୍ଜାମ ହିଞ୍ଜିଳିକାଟୁର ଭରତ କୁମାର ଦାସ (୨୪) ଓ ଯାଜପୁର ବୈରୀ ଥାନା ଶାଳପଡ଼ା ଗାଁର ବିପିନ ମୁଣ୍ଡା(୨୬) । ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି । ଡିସିପି ଡ. କନ୍‌ୱର୍ ବିଶାଲ୍ ସିଂଙ୍କ ନିର୍ଦ୍ଦେଶରେ ଏସ୍‌ସିବି ମେଡିକାଲ ପରିସରରେ ଏକ ସ୍ୱତନ୍ତ୍ର ସ୍ପେଶାଲ୍ ସ୍କ୍ୱାଡ୍ ଚଢ଼ଉ କରୁଛି । ଏହି ସ୍ୱତନ୍ତ୍ର ଟିମ୍‌ର ଏସିପି ଅମିତାଭ ମହାପାତ୍ର ଓ ଥାନା ଅଧିକାରୀ ଉମାକାନ୍ତ ସାହୁ ନେତୃତ୍ୱ ନେଉଛନ୍ତି । ଏଡିସିପି ଅନୀଲ ମିଶ୍ର ସମସ୍ତ କାର୍ଯ୍ୟର ମନିଟରିଂ କରୁଛନ୍ତି । ଏହି ସ୍କ୍ୱାଡ୍ ସାଦା ପୋଷାକରେ ରହି ଦଲାଲ୍‌ମାନଙ୍କୁ ଗିରଫ କରୁଛନ୍ତି । ଏବେ ନନ୍‌ଟ୍ରମା କାଜୁଆଲ୍‌ଟିକୁ ଦଲାଲମାନେ ଟାର୍ଗେଟ୍ କରିଥିବା ଦେଖିବାକୁ ମିଳୁଛି ।

ଏସ୍‌ସିବି ମେଡିକାଲରେ ଦଲାଲରାଜ ଦମନ ପାଇଁ ପୁଲିସ ପକ୍ଷରୁ ସ୍ପେଶାଲ ଡ୍ରାଇଭ ଅଦ୍ୟାବଧି ଜାରି ରହିଛି । ରୋଗୀଙ୍କ ଭିତରେ ସନ୍ଦିଗ୍ଧ ଦଲାଲଙ୍କୁ ଚିହ୍ନଟ ପାଇଁ ସାଦା ପୋଷାକଧାରୀ ପୁଲିସ ଟିମ ମେଡିକାଲ ପରିସରରେ ପଇଁତରା ମାରୁଛି । ଏହି କ୍ରମରେ ଆଜି ପୂର୍ବାହ୍ନରେ ନନ୍ ଟ୍ରମା କାଜୁଆଲଟି ସମ୍ମୁଖରେ ୨ଜଣ ସନ୍ଦିଗ୍ଧଙ୍କୁ ଠାବ କରାଯାଇଥିଲା । ଜଣେ ଗୁରୁତର ରୋଗୀଙ୍କ ସମ୍ପର୍କୀୟଙ୍କୁ ସେମାନେ ପ୍ରଲୋଭିତ କରି ଘରୋଇ ହସ୍ପିଟାଲ୍‌କୁ ନେବା ପାଇଁ କହୁଥିଲେ । ଏସ୍‌ସିବିରେ ଗୁରୁତର ରୋଗୀଙ୍କ ଚିକିତ୍ସାରେ ବିଳମ୍ବ ଘଟିବ । ପାଖରେ ଥିବା ଘରୋଇ ହସ୍ପିଟାଲରେ ସମସ୍ତ ସୁବିଧା ବହୁତ କମ ଖର୍ଚ୍ଚରେ ମିଳିପାରିବ ବୋଲି ସେମାନେ କହୁଥିଲେ । ଏଭଳି ମିଛ କହି ଉକ୍ତ ୨ ଜଣ ରୋଗୀ ସମ୍ପର୍କୀୟଙ୍କୁ ଘରୋଇ ହସ୍ପିଟାଲ ନେବା ପାଇଁ ପ୍ରଲୋଭିତ କରୁଥିଲେ । ରୋଗୀ ସମ୍ପର୍କୀୟ ଜଣକ ମଧ୍ୟ ସେମାନଙ୍କ କଥାକୁ ବିଶ୍ୱାସ କରିନେଇଥିଲେ । ଏତିକିବେଳେ ସାଦା ପୋଷାକଧାରୀ ପୁଲିସ ଟିମ୍ ଉଭୟଙ୍କୁ କାବୁ କରି ନେଇଥିଲା । ଥାନାକୁ ଆଣି ପଚରାଉଚରା କରିବାରୁ ଅଭିଯୁକ୍ତ ଭରତ ଓ ବିପିନ ନିଜର ଭୁଲ ସ୍ୱୀକାର କରିଥିଲେ । ଗତ ଫେବ୍ରୁଆରୀରେ ପୁଲିସର ଜୋରଦାର ଧରପଗଡ଼ ପରେ ଏସ୍‌ସିବିରେ ଦଲାଲଙ୍କ ପ୍ରାଦୁର୍ଭାବ କମିଥିଲା । କିଛି ଦିନ ଯାଏ କେହି ଦଲାଲ ସାମ୍ନାକୁ ଆସି ନ ଥିଲେ । ଏହି ସୁଯୋଗରେ ଅଭିଯୁକ୍ତ ଦ୍ୱୟ ପୁଣିଥରେ ଏସ୍‌ସିବିରେ ଦଲାଲି ଆରମ୍ଭ କରିଥିଲେ । ବିଭିନ୍ନ ଘରୋଇ ହସ୍ପିଟାଲ, ନର୍ସିଂହୋମ ଓ ଲାବୋରୋଟାରୀ ପାଇଁ ଉଭୟ ଏଜେଣ୍ଟ ଭାବେ କାମ କରୁଥିଲେ । ଖାସକରି ସେମାନେ ଦୂରଦୂରାନ୍ତରୁ ଏସ୍‌ସିବି ଆସୁଥିବା ରୋଗୀଙ୍କୁ ଟାର୍ଗେଟ କରୁଥିଲେ । କମ ଖର୍ଚ୍ଚରେ ଚିକିତ୍ସା ସୁବିଧାର ପ୍ରତିଶ୍ରୁତି ଦେଇ ସେମାନେ ରୋଗୀଙ୍କୁ ଘରୋଇ ଚିକିତ୍ସାନୁଷ୍ଠାନକୁ ସ୍ଥାନାନ୍ତର କରୁଥିଲେ । ପ୍ରତି ବଦଳରେ ତାଙ୍କୁ ମୋଟା ଅଙ୍କର କମିଶନ ମିଳୁଥିଲା । ଗିରଫଦାରୀ ବେଳେ ଅଭିଯୁକ୍ତ ଦ୍ୱୟଙ୍କ ଠାରୁ ଏକାଧିକ ଘରୋଇ ଚିକିତ୍ସା ପ୍ରତିଷ୍ଠାନର ଭିଜିଟିଂ କାର୍ଡ ଜବତ କରାଯାଇଛି । ଏହି ସବୁ ସଂସ୍ଥାକୁ ଅଭିଯୁକ୍ତମାନେ ରୋଗୀ ଚାଲାଣ କରୁଥିବା ପୁଲିସ ଜାଣିବାକୁ ପାଇଛି । ଏନେଇ ପୁଲିସ ଅଧିକ ତଦନ୍ତ ଜାରି ରଖିଛି ।

ଏଠାରେ ସୂଚନାଯୋଗ୍ୟ, ଗତ ଫେବ୍ରୁଆରୀ ୧୧ତାରିଖରେ ଏସ୍‌ସିବି ପରିସରରୁ ୩ ଜଣ ଦଲାଲଙ୍କୁ ଗିରଫ କରାଯାଇଥିଲା । ଅଭିଯୁକ୍ତମାନେ ହେଲେ ଗୋବିନ୍ଦପୁର ଥାନା ଅନ୍ତର୍ଗତ ତରଡାପଡ଼ାର ଏସକେ. ସୈଫୁ ରେହମାନ, ମଧୁପାଟଣା ଥାନା ସାହୁ ଲେନର ହିମାଂଶୁ ଶେଖର ପଣ୍ଡା ଓ ବିରିବାଟୀ ତଅଁରପାର ବାବୁନା ଓରଫ ସରୋଜ ଭୋଇ । ଏହାପୂର୍ବରୁ ଫେବ୍ରୁଆରୀ ୮ ତାରିଖରେ ୫ଜଣ ଦଲାଲଙ୍କୁ ପୁଲିସ ଗିରଫ କରିଥିଲା । ଗତ ୩ମାସ ମଧ୍ୟରେ ସମୁଦାୟ ୧୦ଜଣ ଦଲାଲଙ୍କୁ ପୁଲିସ ଗିରଫ କରି ସାରିଲାଣି । ଏସ୍‌ସିବିକୁ ଦଲାଲମୁକ୍ତ କରିବା ପାଇଁ କମିଶନରେଟ୍ ପୁଲିସ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ।




# କଟକ ସିଟି



ବାଉନ ବଜାର ତେପନ ଗଳି




# ବାଲୁବଜାର

"ଏଠାକାର ମାଟି କଥା କୁହେ, ପାଣି ଓ ପବନ'ରେ ଭରି ରହିଛି ହଜାର ବର୍ଷର ବାସ୍ନା । ଏଠି ସବୁ ହୃଦୟରେ ଦେଖିବାକୁ ମିଳେ 'ଭାଇଚାରା'ର ନିଆରା ନିଦର୍ଶନ । କିଏ, କେଉଁଠି, କାହିଁକି ଓ କେମିତି ଏ ସହରକୁ ଆସିଛି, ତାହା ଏଠି ବୁଝାଯାଏ ନାହିଁ । ଭାଇ'ଟିଏ ହୋଇ କାନ୍ଧ' ଦେଖାଏ ଏ ସହର । କେବେ ମା'ପରି ପଣତକାନିରେ ଲୁହ ପୋଛି ଦିଏ ତ ଆଉ କେତେବେଳେ ବାପା'ଟିଏ ହେଇ ଅନୁଶାସନର ନାଲି ଆଖି ଦେଖାଏ । ସାମ୍ପ୍ରତିକ ଅତ୍ୟାଧୁନିକ ସହରୀ ସଭ୍ୟତାର ଊର୍ଦ୍ଧ୍ୱକୁ ଯାଇ ଏ ସହର ଦେଖାଏ ଏକ ବିରାଟ୍ ଗାଁ'ର ଆତ୍ମୀୟତା... ଏବେ ରୂପାନ୍ତରଣ'ର ସ୍ପର୍ଶରେ ଝଲସୁଛି ରୌପ୍ୟନଗରୀ । ଏ ସହର ଛାତି ଉପରେ ଛିଡା ହୋଇ ଆକାଶ'କୁ ମୁଣ୍ଡ ଟେକିଲାଣି ନୂଆ ଏକ କଟକ । ଆଉ ନାହିଁ ସେ ଦିନର ସଂକୀର୍ଣ୍ଣ ରାସ୍ତା, ଦୁର୍ଗନ୍ଧ ପରିବେଶ, ଅଳିଆ ଓ ଆବର୍ଜନାମୟ ସଂଗୀନ ସ୍ଥିତି । ଏବେ ଚମକୁଛି ବାଉନ ବଜାର ତେପନ ଗଳି' । ଏଠାକାର ଗଳିକନ୍ଦିରେ ଲୁଚି ରହିଛି ହଜାର ବର୍ଷର ସାହିତ୍ୟ, କଳା, ସଂସ୍କୃତି, ଐତିହ୍ୟ ଓ ଇତିହାସ । କେଶରୀ ବଂଶର ରାଜା ନୃପ କେଶରୀଙ୍କ ଦ୍ୱାରା ୯୮୯ ଖ୍ରୀ.ଅରେ ପ୍ରତିଷ୍ଠା ହୋଇଥିବା ଏ ସହରର 'ବାଉନ ବଜାର ତେପନ ଗଳି' ପଛରେ ଥିବା କାହାଣୀ'କୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା..."

## ପର୍ବପର୍ବାଣୀ ଓ ଯାନିଯାତରା

ସାହିରେ ୧୨ ମାସରେ ୧୩ ଯାତ୍ରା ହେଉଥିବା ବେଳେ ଦୁର୍ଗାପୂଜା, କାଳୀପୂଜା, ଗଣେଶ ପୂଜା, କାର୍ତ୍ତିକେଶ୍ୱର ପୂଜା ଓ ସରସ୍ୱତୀ ପୂଜା ବଡ଼ ଧୂମଧାମରେ ପାଳିତ ହୋଇଥାଏ । ସାହିର ଥିବା ବିଭିନ୍ନ ଶୈବ ପୀଠରେ ଶିବରାତ୍ରି ମହାସମାରୋହରରେ ପାଳନ କରାଯାଇଥାଏ । ରଥଯାତ୍ରା ଓ ଅଗିପୂର୍ଣ୍ଣିମା ମଧ୍ୟ ବିଭିନ୍ନ ମନ୍ଦିରରେ ପାରମ୍ପରିକ ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଥାଏ ।

















## ନାଁ ପଛର କାହାଣୀ

କଟକ ସହରର ଏକ ପରିଚିତ ଅଞ୍ଚଳ କହିଲେ ବାଲୁବଜାରକୁ ବୁଝାଇଥାଏ । ସହରର କେନ୍ଦ୍ରସ୍ଥଳରେ ରହିଥିବା ଏହି ସାହିରେ କଟକର ସର୍ବପ୍ରଥମେ ଦେବୀ ଦୁର୍ଗାଙ୍କ ଦଶହରା ପୂଜା ହୋଇଥିବା ଐତିହାସିକ ତଥ୍ୟରୁ ସୂଚନା ମିଳିଥାଏ । ତେବେ ବାଲୁବଜାରର ନାଁ ପଛର କାହାଣୀ ହେଉଛି, ପୂର୍ବରୁ ଏହି ଅଞ୍ଚଳ କାଠଯୋଡି ନଦୀର ବିସ୍ତୀର୍ଣ୍ଣ ବାଲୁକାରେ ଭରି ରହିଥିଲା । କିଛି ବ୍ୟବସାୟୀ ପ୍ରଥମେ ଏଠାକୁ ଆସି ଉକ୍ତ ବାଲୁକା ଉପରେ ନିଜର ପସରା ମେଲାଇ ବ୍ୟବସାୟ ବାଣିଜ୍ୟ କରିବାକୁ ଲାଗିଲେ । ଯେହେତୁ ବାଲୁକା ଉପରେ ଉକ୍ତ ବଜାର ଚାଲୁଥିଲା ତଦନୁଯାୟୀ ଏହାର ନାମ ରଖାଯାଇଥିଲା ବାଲୁବଜାର । ଏହି ଅଞ୍ଚଳରେ ବିନୋଦବିହାରୀ ଜୀୟୁ ପୂଜା ପାଉଥିବାରୁ ତାଙ୍କ ନାମାନୁସାରେ ସମ୍ପୃକ୍ତ ଅଞ୍ଚଳକୁ ବିନୋଦବିହାରୀ କୁହାଯାଇଥାଏ ।



ଆମ ସାହିରେ ବିଭିନ୍ନ ଧର୍ମର ଲୋକ ବସବାସ କରୁଥିଲେ ମଧ୍ୟ ସମସ୍ତେ ନିଜ ଭିତରେ ମିଳିମିଶି ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ଚଳିଥାନ୍ତି । ଆମ ପୂଜା କମିଟିରେ ମଧ୍ୟ ବିଭିନ୍ନ ଧର୍ମର ଲୋକମାନେ କାର୍ଯ୍ୟକର୍ତ୍ତା ଭାବେ ସାମିଲ ଅଛନ୍ତି । ଆମ ସାହିର ଯୁବକମାନେ ସମସ୍ତ କାର୍ଯ୍ୟରେ ସାହାଯ୍ୟ କରିବା ସହ ମୁରବୀମାନଙ୍କ ସହ ମିଶି ପୁଲିସ ପ୍ରଶାସନକୁ ମଧ୍ୟ ସମ୍ପୂର୍ଣ୍ଣ ସହଯୋଗ କରିଥାନ୍ତି ।

**ରମେଶ ଚନ୍ଦ୍ର ବେହେରା**, କାର୍ଯ୍ୟକାରୀ ସଭାପତି, ବାଲୁବଜାର ପୂଜା କମିଟି



ଦଶହରାରେ ଆମେ ସବୁବେଳେ ଠାକୁରାଣୀଙ୍କ ପୂଜାକୁ ଗୁରୁତ୍ୱ ଦେଇଥାଉ । ସାହିର ସମସ୍ତ ଲୋକଙ୍କ ପାଇଁ ବୁନ୍ଦି ଭୋଗର ବ୍ୟବସ୍ଥା ମଧ୍ୟ କରିଥାଉ । ସାହିରେ କୌଣସି ବିବାଦ ଦେଖାଦେଲେ ଆମ ଅଞ୍ଚଳର ଯୁବକ ଓ ମୁରବୀ ଲୋକଙ୍କ ସହଯୋଗରେ ସମସ୍ତ ବିବାଦର ସମାଧାନ ହୋଇଥାଏ ।

**ଇଶ୍ୱର ଚନ୍ଦ୍ର ବେହେରା**, ସମ୍ପାଦକ, ବାଲୁବଜାର ପୂଜା କମିଟି



ଆମ ସାହିର ଯୁବକମାନେ ଖୁବ ଶୃଙ୍ଖଳିତ । ସାହିର ଯୁବକମାନେ ସବୁବେଳେ ପୂଜା କମିଟି କର୍ମକର୍ତ୍ତାଙ୍କୁ ସମସ୍ତ କାର୍ଯ୍ୟରେ ସହଯୋଗ କରିଥାନ୍ତି । ଏଥି ସହ ସାହିର ଯୁବକମାନେ ସବୁବେଳେ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ କରଥାନ୍ତି । ବନ୍ୟା, ବାତ୍ୟା ଓ କରୋନା ମହାମାରୀ ସମୟରେ ସାହିର ଯୁବକମାନେ ଅସହାୟ ଲୋକଙ୍କୁ ରିଲିଫ ବଣ୍ଟନ କରିବା ସହ ରକ୍ତଦାନ ଶିବିରର ମଧ୍ୟ ଆୟୋଜନ କରିଥାନ୍ତି ।

**ସୌମ୍ୟଦୀପ ଘୋଷ**, ଯୁବକ ସଂଘ ଉପଦେଷ୍ଟା



ମୋତେ ଆସି ୭୧ ବର୍ଷ ବୟସ ହେଲାଣି । ଛୋଟବେଳୁ ମୁଁ ଆଖି ଆଗରେ ସାହିକୁ ପରିବର୍ତ୍ତନ ହେବାର ଦେଖିଛି । ସମୟ ସହ ତାଳଦେଇ ସାହିର ଅନେକ ପରିବର୍ତ୍ତନ ହୋଇଗଲାଣି । ଆଗରୁ ନାଲିଗୋଡି ମାଟି ରାସ୍ତା ଥିଲା ବିଦ୍ୟୁତ ନ ଥିଲା ଖୁଣ୍ଟ ମାନଙ୍କରେ କିରୋସିନ ବତି ଜଳୁଥିଲା । ସାହିରେ ଏତେ ଗାଡ଼ିମୋଟର ମଧ୍ୟ ନ ଥିଲା କେବଳ କିଛି ଲୋକଙ୍କର ସାଇକଲ ଥିଲା ଓ ଶଗଡ଼ ଗାଡ଼ି ମଧ୍ୟ ଗଡୁଥିଲା ।

**ଦୁର୍ଗା ସାହୁ**, ବରିଷ୍ଠ ନାଗରିକ



ମୋତେ ଆସି ୫୨ ବର୍ଷ ହେଲାଣି । ସାହିକୁ ମୁଁ ୩୦ ବର୍ଷ ହେବ ବୋହୁ ହୋଇକି ଆସିଲିଣି । ମୋ ଆଖି ଆଗରେ ସାହିର ଅନେକ ପରିବର୍ତ୍ତନ ହୋଇଗଲାଣି । ଆମ ସାହିରେ ୧୨ ମାସରେ ୧୩ ପର୍ବ ପାଳିତ ହୋଇଥାଏ । ଦଶହରା, କାଳୀପୂଜା ଓ ବାସନ୍ତୀ ଦୁର୍ଗାପୂଜା ବଡ଼ ଧୂମଧାମରେ ପାଳିତ ହୋଇଥାଏ ।

**ଟୁନି ସେଠୀ**, ବରିଷ୍ଠ ନାଗରିକ

## ପରିସୀମା

କଟକ ମହାନଗର ନିଗମର ୧୮, ୨୧, ୧୩ ଓ ୧୪ନଂ ୱାର୍ଡରେ ଏହି ଅଞ୍ଚଳ ଅବସ୍ଥିତ । ବାଲୁବଜାରର ପରିସୀମା ବିନୋଦବିହାରୀ ଛକରୁ ଆରମ୍ଭ ହୋଇ ନୟାସଡ଼କ ଶେଷ ସୀମା, ବାଙ୍କାବଜାର, ଚୁନଭାଟି ଗଳି, ଆଲାମଚାନ୍ଦ ବଜାର, କୋଅପରେଟିଭ ପ୍ରେସ ହୋଇ ବିଶ୍ୱନାଥ ଲେନ ପର୍ଯ୍ୟନ୍ତ ଅଞ୍ଚଳର ପରିସୀମା ରହିଛି । ବାଲୁବଜାର ଅଞ୍ଚଳ ଲାଲବାଗ ଓ ପୁରୀଘାଟ ଥାନା ପରିସୀମା ମଧ୍ୟରେ ଆସୁଥିବା ବେଳେ ସାହିରେ ୮ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି ।

## ବିଭିନ୍ନ ସାହି

ବାଲୁବଜାର, ବାଙ୍କାବଜାର, ନୟାସଡ଼କ, ବିଶ୍ୱନାଥ ଲେନ୍, କୋଅପରେଟିଭ ପ୍ରେସ, ଆଲାମଚାନ୍ଦ ବଜାର ଓ ଚୂନଭାଟି ଗଳି ରହିଛି ।

## ବିଭିନ୍ନ କ୍ଲବ୍ ଓ ଯୁବକ ସଂଘ

ବାଲୁବଜାର ଯୁବକ ସଂଘ, ଓଡ଼ିଶାର ଅନ୍ୟତମ ସର୍ବପୁରାତନ ରାଇଜିଙ୍ଗ ଷ୍ଟାର କ୍ଲବ୍, ଜେମିନି କ୍ଲବ୍, ଅମରଜ୍ୟୋତି କ୍ଲବ୍, ମିନର୍ଭା କ୍ଲବ୍ ରହିଛି ।

## ବିଶିଷ୍ଟ ବ୍ୟକ୍ତିବିଶେଷ

ଗୋପାଳ ଛୋଟରାୟ, ପ୍ରୀତିଶ ରାୟଚୌଧୁରୀ, ସାଂସଦ ସାରଦା ଚରଣ ମହାନ୍ତି, ପହିଲମାନ ନାଟୁ ଘୋଷ, ରାମଚନ୍ଦ୍ର ଜେନା, ମୁରଲୀ ମୋଦି, ରାମରତନ ମୋଦି, ସନ୍ତୋଷ ମୋଦି, ସତୀଶ ଗୋଏଙ୍କା, ଅଜୟ ଗୋଏଙ୍କା, ବିଜୟ ଗୋଏଙ୍କା, ପୂର୍ଣ୍ଣଚନ୍ଦ୍ର ଦାସ, କୈଳାଶ ଚନ୍ଦ୍ର ଦାସ, ଭାଗବତ ସାହୁ, ବାବୁଲି ଠାକୁର, ଏଲସି ବୋଷ, ସୂର୍ଯ୍ୟକାନ୍ତ ସାଙ୍ଗନାରିଆ, ଆଇଜି ନିଲୁ ବାନାର୍ଜୀ, ଡ. ଚିନ୍ମୟ ଆଚାର୍ଯ୍ୟ, ରିଡର ଚେଲୁ ମହାନ୍ତି ।

## ପ୍ରମୁଖ ଧର୍ମାନୁଷ୍ଠାନ



ବିନୋଦବିହାରୀ ମନ୍ଦିର, ଶ୍ୟାମବାବା ମନ୍ଦିର, ଲକ୍ଷ୍ମୀନାରାୟଣ ମନ୍ଦିର, ବିଶ୍ୱନାଥ ମନ୍ଦିର, ବାଲୁବଜାର ଦୁର୍ଗା ମନ୍ଦିର, ହନୁମାନ ମନ୍ଦିର, ରାମ ମନ୍ଦିର, ନବଗ୍ରହ ମନ୍ଦିର, ନୃସିଂହ ମନ୍ଦିର ଥିବା ବେଳେ ବାଙ୍କା ବଜାରରେ ଏକ ମସଜିଦ ମଧ୍ୟ ରହିଛି ।



## ପ୍ରମୁଖ ଅନୁଷ୍ଠାନ-ପ୍ରତିଷ୍ଠାନ




ବିଶ୍ୱନାଥ ପାଠାଗାର, ବାଲୁବଜାର ପାଠାଗାର, ମାରୱାଡି ହାଇସ୍କୁଲ ଭଳି ଅନୁଷ୍ଠାନ ସାହିରେ ଥିବା ବେଳେ ବାଲୁବଜାର ଦୁର୍ଗା ପୂଜା କମିଟି, ଦୁର୍ଗାବାଡ଼ି ସମିତି, ବିନୋଦବିହାରୀ ସଂକୀର୍ତ୍ତନ ସମିତି ଭଳି ପ୍ରତିଷ୍ଠାନ ମଧ୍ୟ ସାହିରେ ରହିଛି ।

## ସାହିର ସମସ୍ୟା

ସାହିର ପ୍ରମୁଖ ସମସ୍ୟା ହେଉଛି ବର୍ଷାଦିନେ ଜଳ ନିଷ୍କାସନ । ଏହା ସହ ନୟାସଡ଼କ ଓ ବାଲୁବଜାର ମଧ୍ୟରେ ଅନେକ ବଡ଼ ବଡ଼ ବ୍ୟବସାୟ ପ୍ରତିଷ୍ଠାନ ଥିବାରୁ ପ୍ରାୟ ସବୁ ସମୟରେ ଏଠାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥାଏ । ଏହି ସମସ୍ୟା ଦୀର୍ଘଦିନ ହେବ ଲାଗି ରହିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହାର ସମାଧାନ ହୋଇପାରନି ।

## ପୂଜା କମିଟି କର୍ମକର୍ତ୍ତା

ମହନ୍ତ ଅଭୟ କୁମାର ବାନାର୍ଜୀ, ସଭାପତି ପୃଥ୍ୱୀରାଜ ସାହୁ, ସମ୍ପାଦକ ଇଶ୍ୱର ଚନ୍ଦ୍ର ବେହେରା, କାର୍ଯ୍ୟକାରୀ ସଭାପତି ରମେଶ ଚନ୍ଦ୍ର ବେହେରା, ଉପଦେଷ୍ଟା ବିଶ୍ୱନାଥ ଦାସ, ରାମବତର ଭୂତ, ଉପସଭାପତି ସୁରେନ୍ଦ୍ର ବାରିକ, ଅନ୍ନଦା ପ୍ରସାଦ ଦାସ, ଅଜୟ ଗୋଏଙ୍କା, ନରେନ୍ଦ୍ର କୁମାର ସାହୁ, ଓମପ୍ରକାଶ ଛାପୋଲିଆ, ଗୋପାଳ ଭୂତ, ଲୋକନାଥ ବାନାର୍ଜୀ, ମାନସ ରଞ୍ଜନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ରଶ୍ମି ରଞ୍ଜନ ମହାନ୍ତି, ସଞ୍ଜୟ ଜେନା, ନିତାଇ ରାୟ, ଅଜୟ କୁମାର ଦାସ, ଅବଦୁଲ ରେହମାନ, ସୁକାନ୍ତ ମହାପାତ୍ର, ସୋମନାଥ ସାହୁ, ରାଜକିଶୋର ମୋଦି, କୋଷାଧ୍ୟକ୍ଷ ପିୟୁଷ କୁମାର ମହାନ୍ତି, ଯୁଗ୍ମ କୋଷାଧ୍ୟକ୍ଷ ପରମାର୍ଥୀ ବେହେରା ।

## ଖାଦ୍ୟ ଦେଇଛି ପରିଚୟ

ବାଲୁବଜାରରେ ଥିବା ଜାନକୀ ମହାରାଜଙ୍କ ମିଠା ଓ ଜଳଖିଆ ଦୋକାନ ସହରର ଏକ ପ୍ରତିଷ୍ଠିତ ଦୋକାନ । ସେହିଭଳି ଏଠାରେ ପ୍ରସିଦ୍ଧ ବାଞ୍ଛା ସାହୁଙ୍କ ଦ୍ୱାରା ସ୍ଥାପିତ ମିଷ୍ଟାନ ଭଣ୍ଡାର ମଧ୍ୟ ରହିଛି । ତାଙ୍କ ପରଲୋକ ପରେ ତାଙ୍କ ନାତି ଅନିଲ କୁମାର ସାହୁ ବର୍ତ୍ତମାନ ଏହି ଦୋକାନ ଚଳାଇଛନ୍ତି । ସାହିରେ କୃଷ୍ଣ ସାହୁ, ରଙ୍ଗନାଥ ବେହେରାଙ୍କ ରାବିଡି ଖାଇବାକୁ ମଧ୍ୟ ଲୋକଙ୍କ ଭିଡ଼ ଜମିଥାଏ । ସେହିଭଳି ଅଞ୍ଚଳରେ ଅନେକ ସେଓ ଗାଣ୍ଠିଆ ଓ ମିକ୍ସଚର ଦୋକାନ ମଧ୍ୟ ରହିଛି । ଏଥି ସହ ଦଶହରାରେ ଠାକୁରାଣୀଙ୍କ ପାଖରେ ଲାଗି ହେଉଥିବା ବୁନ୍ଦି ଓ ଦହିପଖାଳ ଖାଇବାକୁ ମଧ୍ୟ ଭକ୍ତଙ୍କ ମଧ୍ୟରେ ବେଶ ଉତ୍ସୁକତା ଦେଖିବାକୁ ମିଳେ ।






## ଐତିହାସିକ ପରିବା ହାଟ

ବାଲୁବଜାର (ବିନୋଦବିହାରୀ) ଅଞ୍ଚଳରେ ବସୁଥିବା ପରିବା ହାଟ ଏକଦା କଟକର ସବୁଠାରୁ ବଡ଼ ପରିବା ହାଟ ଥିଲା । ଏହି ହାଟ ପ୍ରାୟ ଦୁଇଶହ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଏଠାରେ ବସୁଥିବା ବେଳେ ଦୈନିକ ୧୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ଓ ଚାଷୀ ସେମାନଙ୍କ ପରିବା ଆଣି ଏଠାରେ ବ୍ୟବସାୟ କରିଥାନ୍ତି । ପରିବା ସହ ଏହି ହାଟ ପରିସରରେ ଏକ ମାଛ ମାର୍କେଟ ମଧ୍ୟ ରହିଛି ।



## ସାହିର ବିଶେଷତ୍ୱ

ବାଲୁବଜାର କଟକ ସହରର କେବଳ ଗୋଟିଏ ବଜାର ନୁହେଁ ଏହା ଓଡ଼ିଶାର ସମସ୍ତ ଲେଖକ ଓ ଲେଖିକାଙ୍କ ପାଇଁ ଆପଣାର ଭୂମିଟିଏ । ଏହି ଅଞ୍ଚଳ ଲେଖକ, ପାଠକ ଓ ପ୍ରକାଶକଙ୍କ ମିଳନ ସ୍ଥଳ । ଓଡ଼ିଶାର ସୁନାମଧନ୍ୟ ପ୍ରକାଶକମାନଙ୍କ ନିଷ୍ଠାପର ଉଦ୍ୟମ ଓଡ଼ିଆ ପ୍ରକାଶନ କ୍ଷେତ୍ରକୁ କେବଳ ସମୃଦ୍ଧ କରିନି ଏହାକୁ ରୁଚିପୂର୍ଣ୍ଣ ମଧ୍ୟ କରିଛି । ବହୁ କବି ଓ ଲେଖକଙ୍କୁ ପରିଚୟ ଦେଇଛି ବାଲୁବଜାର । କଟକ ସହରର ସର୍ବାଧିକ ପୁସ୍ତକ ପ୍ରକାଶକଙ୍କ ପ୍ରକାଶନୀ ସଂସ୍ଥା ଏହି ଅଞ୍ଚଳରେ ରହିଛି । ସେଥି ମଧ୍ୟରୁ କିଛି ପ୍ରମୁଖ ପ୍ରକାଶକ ହେଉଛନ୍ତି ନାଳନ୍ଦା, ବୁକ୍ସ ଆଣ୍ଡ ବୁକ୍ସ, ସତ୍ୟ ନାରାୟଣ ବୁକ୍ ଷ୍ଟୋର, ଗ୍ରନ୍ଥ ମନ୍ଦିର, ବିଦ୍ୟାପୁରୀ, ଓଡ଼ିଶା ବୁକ୍ ଷ୍ଟୋର, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ଫ୍ରେଣ୍ଡସ ପବ୍ଲିସର୍ସ, ଏକେ ମିଶ୍ର ଏଜେନ୍ସି, ଜଗନ୍ନାଥ ରଥ ପ୍ରକାଶକଙ୍କ ଭଳି ଅନେକ ପ୍ରକାଶକଙ୍କ ବ୍ୟବସାୟ ପ୍ରତିଷ୍ଠାନ ଏଠାରେ ଦେଖିବାକୁ ମିଳିଥାଏ । ପାଠକଟିଏ ଆବଶ୍ୟକ କରୁଥିବା ପୁସ୍ତକଟିଏ ପାଇଁ ଧାଇଁ ଆସେ ବାଲୁବଜାର ସ୍ଥିତ ଏହି ପୁସ୍ତକ ବିପଣୀକୁ । ଲେଖକଟିଏ ତାର ପୁସ୍ତକ ପ୍ରକାଶ ପାଇଁ ପହଞ୍ଚେ ବାଲୁବଜାରରେ । ପ୍ରକାଶକମାନେ ସବୁବେଳେ ନୂଆ ପୁସ୍ତକଟିଏ ଭେଟି ଦେବାକୁ ଚାହାନ୍ତି ତାଙ୍କ ଅଗଣିକ ପାଠକମାନଙ୍କ ପାଇଁ ।

# ଗୋରୁବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ



**୨୨ଟି ଗୋରୁ ଉଦ୍ଧାର; ୫ ଗିରଫ**

ବାଙ୍କୀ, ୧୫।୩(ସମିସ): ବାଙ୍କୀ ଉପଖଣ୍ଡ ବୈଦ୍ୟେଶ୍ୱର ଥାନା ଅନ୍ତର୍ଗତ ପତନୀ ଛକଠାରେ ଗତକାଲି ରାତିରେ ବୈଦ୍ୟେଶ୍ୱର ପୁଲିସ ପେଟ୍ରୋଲିଂ ସମୟରେ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ଅଟକାଇଥିଲା। ଏଥିରେ ୨୨ଟି ଗୋରୁଙ୍କୁ ଉଦ୍ଧାର କରାଯାଇ ଖଣ୍ଡପଡ଼ା ଠାରେ ଅବସ୍ଥିତ ଗୋଶାଳା ଠାରେ ଛଡାଯାଇଛି। ଘଟଣାରୁ ପ୍ରକାଶ ଯେ, ବେଗୁନିଆ ଅଞ୍ଚଳରୁ ଏହି ଗୋରୁ ବୋଝେଇ ପିକଅପ୍ ଭ୍ୟାନ୍ ବେଗୁନିଆ ଅଞ୍ଚଳରୁ ବୈଦେଶ୍ୱର -ଟି ସେତୁ ଦେଇ ନୂଆପାଟଣା ଆଡକୁ ଯାଉଥିଲା। ବୈଦ୍ୟେଶ୍ୱର ଥାନା ଅଧିକାରୀ ପ୍ରିୟଦର୍ଶିନୀ ସେଠୀ ଗାଡି ଜବତ କରିବା ସହ ୫ଜଣଙ୍କୁ ଗରିଫ କର ଆଜି କୋର୍ଟଚାଲାଣ କରିଛନ୍ତି। ଏ ସଂକ୍ରାନ୍ତରେ ଏକ କେସ୍ ବୈଦ୍ୟେଶ୍ୱର ଥାନାରେ ରୁଜୁ ହୋଇଛି। ଅଭିଯୁକ୍ତ ସୁଜିତ୍ କୁମାର ଭୋଇ (୨୬), ନୈଶଦ୍ ଖାନ୍ (୩୦), ପିଣ୍ଟୁ ସେଠୀ (୨୮), ଏସ୍. କେ.ରୋଜାବ୍ (୨୮) ଓ ଏସ୍‌କେ ମସ୍ତକ (୨୫) ଗିରଫ କରି କୋର୍ଟଚାଲାଣ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କ ଘର ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବେଗୁନିଆ ଥାନାର କୁଶୁପଲ୍ଲା ଗ୍ରାମର ବୋଲି ଜଣାପଡ଼ିଛି।

# ମିଶନ ଶକ୍ତି କାଫେ ଉଦ୍‌ଘାଟିତ



କଟକ, ୧୫।୩(ସମିସ): କଟକ ସଦର ବ୍ଲକ ଅନ୍ତର୍ଗତ କଳପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ମିଶନ ଶକ୍ତି ଗୃହ ଓ କାଫେ ବଜାର ଉଦଘାଟିତ ହୋଇଯାଇଛି।୨୨ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି କାଫେ ଯୋଗୁଁ ବହୁ ମହିଳାଙ୍କ ସମେତ ସାଧାରଣ ଜନତା ଉପକୃତ ହୋଇପାରିବେ। ଏଠାରେ ମିଶନ ଶକ୍ତି ଦ୍ୱାରା ପରିଚାଳିତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ସେମାନଙ୍କ ଦ୍ୱାରା ନିର୍ମିତ ହେଉଥିବା ଦ୍ରବ୍ୟକୁ ବିକ୍ରି କରିପାରିବେ ଓ ଜନସାଧାରଣ ସୁଲଭ ମୂଲ୍ୟରେ ଗୁଣବତ୍ତା ଥିବା ଦ୍ରବ୍ୟ ପାଇପାରିବେ। ସଦର ବିଧାୟକ ଚନ୍ଦ୍ର ସାରଥୀ ବେହେରା ତାଙ୍କ ମା' ତଥା ପୂର୍ବତନ ସାଲେପୁର ବ୍ଲକ ଅଧ୍ୟକ୍ଷା ପ୍ରମିଳା ବେହେରା ଓ ସହଧର୍ମିଣୀ ଅନ୍ନପୂର୍ଣ୍ଣା ଜେନାଙ୍କ ସହିତ ଏହାକୁ ଉଦଘାଟନ କରିଥିଲେ। ମିଶନ ଶକ୍ତି ସଂଯୋଜକ ଶରତ କୁମାର ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ସରୋଜ କୁମାର ନାୟକ, ସରପଞ୍ଚ ସବିତା ମାଝୀ, ସମିତିସଭ୍ୟା ପିଙ୍କି ଭୋଇ, ବିଭୂତି ଭୂଷଣ ପରିଡ଼ା, ମନୋଜ ନାୟକ, ମିଶନ ଶକ୍ତି ପରିଚାଳକ ସୋନାଲି ପ୍ରିୟଦର୍ଶିନୀ, ସହକାରୀ ନିର୍ବାହୀ ଯନ୍ତ୍ରୀ କୈଳାସ ଚନ୍ଦ୍ର ସାହୁ, ଯନ୍ତ୍ରୀ ସତ୍ୟରଞ୍ଜନ ମିଶ୍ର, ସମାପୀକା ନାୟକ, ସୌମ୍ୟା ସୁଚରିତା ବିଷୋୟୀ ପ୍ରମୁଖ ଯୋଗଦେଇଥିଲେ। ଏହା କଟକ ସଦର ବ୍ଲକ ଅନ୍ତର୍ଗତ ୪୨ ମୌଜା ଅଞ୍ଚଳର ପ୍ରଥମ କାଫେ ଅଟେ।

# ବିଦ୍ୟାଳୟ ନୂତନ ଗୃହର ଶିଳାନ୍ୟାସ



ନିଶ୍ଚିନ୍ତକୋଇଲି, ୧୫।୩(ସମିସ): କଟକ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ କଳମିଶ୍ରି ପଞ୍ଚାୟତ ପୁରୁଣାପାରୀ ଠାରେ ଥିବା ପ୍ରଫେସର କାଳିନ୍ଦୀ ବେହେରା ଉପ୍ରା ବିଦ୍ୟାଳୟ ନୂତନ ଗୃହ ନିର୍ମାଣ ପାଇଁ ଶୁଭ ଶିଳାନ୍ୟାସ କରାଯାଇଛି। ବିଧାୟକ ଚନ୍ଦ୍ରସାରଥୀ ବେହେରା ତାଙ୍କ ନିଜ ହାତପାଣ୍ଠିରୁ ଗୃହ ନିର୍ମାଣ ପାଇଁ ୧୪ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଇଛନ୍ତି। ବିଧାୟକ ଶ୍ରୀ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ବିଜେଡି ପର୍ଯ୍ୟବେକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ସଭ୍ୟ ଇଂ.ବିଳାସ ଭୋଇ, ସମ୍ମାନୀତ ଅତିଥି ଭାବେ ବ୍ଲକ ବିଜେଡ଼ି କାର୍ଯ୍ୟକାରୀ ସଭାପତି ପ୍ରମୋଦ ନାୟକ, ସରପଞ୍ଚ ଅନନ୍ତ କର, ପଞ୍ଚାୟତ ବିଜେଡି ସଭାପତି ବିଶ୍ୱଭୂଷଣ ପରିଡ଼ା, ବିଜୟ ରାଉତ, ଦ୍ୱାରିକାନାଥ ବାରିକ, ଦୀପକ ପରିଡ଼ା, ଶରତ ସାମଲ, ପ୍ରଧାନଶିକ୍ଷକ ପ୍ରାଣକୃଷ୍ଣ ବେହେରା, ଗୋପାଳଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଖୁବ୍ ଶୀଘ୍ର ଏହି ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଶେଷ କରାଯିବ ବୋଲି ଶ୍ରୀ ସ୍ୱାଇଁ ପ୍ରକାଶ କରିଛନ୍ତି।

# ୨୨୬ କୋଟି ବ୍ୟୟବରାଦରେ ୩ଟି ସେତୁର ଶିଳାନ୍ୟାସ

କଟକ, ୧୫।୩(ସମିସ)




କଟକ ସଦର ବ୍ଲକ ଅନ୍ତର୍ଗତ ୪୨ ମୌଜା ଅଞ୍ଚଳରେ ୩ଟି ହାଇଲେବୁଲ ବ୍ରିଜର ଶିଳାନ୍ୟାସ ହୋଇଛି। ଦଧିବାମନପୁର ପଞ୍ଚାୟତର ଆଇତଳଙ୍ଗ ଠାରେ ଅନୁଷ୍ଠିତ ଏହି ଶିଳାନ୍ୟାସ ଉତ୍ସବରେ ସଦର ବିଧାୟକ ଚନ୍ଦ୍ର ସାରଥୀ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଆଗାମୀ ଭବିଷ୍ୟତରେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ ପଦକ୍ଷେପ ଯୋଗୁଁ ୪୨ମୌଜା ଅଞ୍ଚଳ ଏକ ମିନି କଟକ ସଦର ରୂପେ ପରିଗଣିତ ହେବ ବୋଲି କହିଥିଲେ। ସିଡୁଆ ନଦୀରେ ୨ଟି ଓ କାଠଯୋଡ଼ି ନଦୀରେ ୧ଟି ସେତୁ ନିର୍ମାଣ କରାଯିବ ବୋଲି ଶିଳାନ୍ୟାସ ହୋଇଛି। ଏହି ୩ଟି ସେତୁର ମୋଟ ୨ଶହ ୨୬ କୋଟି ୨୧ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ଓ ଆସନ୍ତା ୨ ବର୍ଷରେ ଶେଷ ହେବ ବୋଲି କୁହାଯାଇଛି। ସିଡୁଆ ନଦୀ ଉପରେ ଦଧିବାମନପୁର ପଞ୍ଚାୟତର ଆଇତଳଙ୍ଗ ଠାରୁ ଉରାଳୀ ପଞ୍ଚାୟତର ସାଇନ୍ଦ ଓ ବେଣ୍ଟକାର ପଞ୍ଚାୟତର ତଇଲିପଡ଼ା ଠାରୁ ଉରାଳୀ ପଞ୍ଚାୟତର ନାଗବାଲି ପର୍ଯ୍ୟନ୍ତ ୨ଟି ସେତୁ ଏବଂ ଝାରକଟା ପଞ୍ଚାୟତର ଅଇନ ଠାରୁ ପରମହଂସ ପଞ୍ଚାୟତର ମତ୍ତଗଜପୁର ପର୍ଯ୍ୟନ୍ତ କାଠଯୋଡ଼ି ନଦୀରେ ଏକ ସେତୁ ନିର୍ମାଣ କରାଯିବ। ଏଥିଯୋଗୁଁ ୪୨ ମୌଜାରୁ କନ୍ଦରପୁର ସହିତ ସଦର ବ୍ଲକ ଏବଂ ୪୨ମୌଜାରୁ ଗୋପାଳପୁର ହୋଇ ଭୁବନେଶ୍ୱର ପର୍ଯ୍ୟନ୍ତ ଗମନାଗମନ ସୁବିଧା ହୋଇପାରିବ। ଆଜିର ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ବ୍ଲକ ଉପାଧ୍ୟକ୍ଷା ଅମ୍ବିକା ପାତ୍ର, ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ମାହାର୍ଥା, ୪ନଂ ଜିଲ୍ଲା ପରିଷଦ ଜୋନ ସଦସ୍ୟା ଆଶାଲତା ବେହେରା, ସଦର ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ବିଧାୟକଙ୍କ ପ୍ରତିନିଧି ବିଭୂତି ଭୂଷଣ ପରିଡ଼ା, ଜିଲ୍ଲା ଉପସଭାପତି ସମର ବେହେରା, ହିମାଂଶୁ ଦାସଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟା, ବିଭାଗୀୟ ଅଧିକାରୀଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

# ବ୍ରାହ୍ମଣଝରିଲୋ କଲେଜରେ ସେମିନାର

ଫୁଲନଖରା, ୧୫।୩(ସମିସ): କଟକ ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ଏକ ସେମିନାର ଅଧ୍ୟକ୍ଷ ବିଭୂତି ଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ରୀତା ପାଇକରାୟ, ମୁଖ୍ୟବକ୍ତା ଭାବରେ ଡକ୍ଟର ପ୍ରଭାତ ମହାପାତ୍ର ଯୋଗଦେଇ 'ଆଷ୍ଟ୍ରୋନୋମି' ଓ 'ଆଷ୍ଟ୍ରୋଲୋଜି' ଉପରେ ବହୁ ତଥ୍ୟ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥିଭାବରେ କ୍ଷୀତି ରଞ୍ଜନ ଧୀର, ଡ. ବଂଶୀଧରଦାଶଉପରୋକ୍ତବିଷୟଉପରେ ବହୁଳ ଭାବରେ ଗବେଷଣା କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ବିଭାଗୀୟ ମୁଖ୍ୟ ମନୋରଞ୍ଜନ ମହାନ୍ତି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଉପେନ୍ଦ୍ର ନାଥ ବିଶ୍ୱାଳ ସଭା ପରିଚାଳନା କରିଥିଲେ।

# ଆଠଗଡ଼ରେ ନିର୍ବାଚନୀ ତାଲିମ ଶିବିର

ଆଠଗଡ଼, ୧୫।୩(ସମିସ)

ଆଠଗଡ଼ ଉପଜିଲ୍ଲାପାଳ ଓ ପଞ୍ଚାୟତ ସମିତି ଆଠଗଡ଼ ଆନୁକୂଲ୍ୟରେ ଚାରୋଟି କେନ୍ଦ୍ରରେ ପ୍ରଥମ ନିର୍ବାଚନୀ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କେନ୍ଦ୍ରରେ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ସହିତ ତିନିଜଣ ସେକ୍ଟର ଅଫିସର, ଚାରିଜଣ ସହଯୋଗୀ କର୍ମଚାରୀ, ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟରେ ତହସିଲଦାର, ସହକାରୀ ଉପଜିଲ୍ଲାପାଳ, ରାଧାନାଥ ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟ ଖୁଣ୍ଟୁଣୀରେ ଦୁଇ ଜଣ ଅତିରିକ୍ତ ତହସିଲଦାର ଗୋପବନ୍ଧୁ ମହିଳା ସ୍ନାତକ ମହାବିଦ୍ୟାଳୟ ଆଠଗଡ଼ରେ ଦୁଇ ଜଣ ସହକାରୀ ଜିଲ୍ଲାପାଳଙ୍କ ସହିତ, ୪୧ଜଣ ପ୍ରିଜାଇଡିଂ ଅଫିସର, ୧୫୧ଜଣ ପ୍ରଥମ ପୁଲିଂ ଅଫିସର ଯୋଗଦେଇଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ୨୯ଜଣ ମହିଳା ପ୍ରିଜାଇଡିଂ ଅଫିସର ଓ ପ୍ରଥମ ପୁଲିଂ ଅଫିସର ଭାବରେ ଯୋଗଦାନ କରିଥିବା ଜଣାପଡ଼ିଛି। ଶିକ୍ଷାର୍ଥୀମାନେ ନିର୍ବାଚନ କମିଶନରଙ୍କ ଆଇନ କାନୁନ ସମ୍ବନ୍ଧରେ ଅବଗତ ହେବା ସହ ନିଜ ହାତରେ ଇଭିଏମ, ଭିଭିପ୍ୟାଟ ବାଲାଟ ୟୁନିଟ୍, ସଂଯୋଗ କରିବା ଓ ବ୍ୟବହାର କରିବା କୌଶଳ ଶିଖିଥିଲେ। ପର୍ଯ୍ୟବେକ୍ଷକ ଭାବେ ଜିଲ୍ଲା ସହରାଞ୍ଚଳ ପ୍ରକଳ୍ପ ସଂଯୋଜକ ହେମନ୍ତ ସ୍ୱାଇଁ ଓ ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇ ଏହି ତାଲିମ କେନ୍ଦ୍ର ଗୁଡ଼ିକର ପରିଦର୍ଶନ କରିଥିଲେ।




# ବାଙ୍କୀ ଏନଏସି ବିଜେଡି ପକ୍ଷରୁ କର୍ମୀ ସମ୍ମିଳନୀ



ବାଙ୍କୀ, ୧୫।୩(ସମିସ): ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ୱାର୍ଡ ନଂ-୫(ବେଦପୁର) ବିଜୁ ଜନତା ଦଳ ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ବିଧାନସଭା ଓ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀରେ ପୂର୍ବତନ ବିଧାୟକ ତଥା ବାଙ୍କୀ ବିଜୁ ଜନତା ଦଳର ସର୍ବମାନ୍ୟ ନେତା ପ୍ରଭାତ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସ୍ଥାନୀୟ ଲୋକନାଥ ମନ୍ଦିର ପାର୍ଶ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କାଉନସିଲର ତଥା କଟକ ଜିଲ୍ଲା ବିଜୁ ଜନତାଦଳ ସାଧାରଣ ସମ୍ପାଦକ ସନାତନ ବେହେରା ସଭାପତିତ୍ୱ କରିଥିଲେ। ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ମହିଳା ବିଜେଡି ସଭାନେତ୍ରୀ ପ୍ରୀତିଲତା ଗିରି, ଏନ୍‌ଏସି ବିଜେଡି କାର୍ଯ୍ୟକାରୀ ସଭାପତି ଭାଗିରଥି ବିଶ୍ୱାଳ, ଏନ୍‌ଏସି ଯୁବବିଜେଡି ସଭାପତି ପଠାଣୀ ବେହେରା, ବିଧାୟକଙ୍କ ପ୍ରତିନିଧି ଶ୍ରୀନିବାସ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏନ୍‌ଏସି ଛାତ୍ର ବିଜେଡି ସଭାପତି ବ୍ରଜବଲ୍ଲଭ କର, ୱାର୍ଡ ସଭାପତି ଦୁଃଖିଶ୍ୟାମ ପଣ୍ଡା, ବ୍ରଜକିଶୋର ବେହେରା, ବିରଞ୍ଚି ବେହେରା, ଡାକ୍ତର ଜଗଦୀଶ ପଣ୍ଡା, କାଉନସିଲର ରାଜେନ୍ଦ୍ର ମହାପାତ୍ର, ସାଂସଦଙ୍କ ପ୍ରତିନିଧି ସୌମେନ୍ଦ୍ର ମିଶ୍ର ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ବୟୋଜ୍ୟେଷ୍ଠ ନାଗରିକ ପୂର୍ଣ୍ଣଚନ୍ଦ୍ର କର, ହେମନ୍ତ ପଣ୍ଡା ଓ ଧ୍ରୁବ ଚରଣ ବେହେରାଙ୍କ ସମେତ ଶତାଧିକ ବିଜେଡି ସମର୍ଥକ ଏହି ବୈଠକରେ ଯୋଗଦେଇଥିଲେ।

# ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ପୂର୍ଣ୍ଣାହୁତି ଉତ୍ସବ

ମାହାଙ୍ଗା, ୧୫।୩(ସମିସ): ମାହାଙ୍ଗାର ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ବୀରଭଦ୍ରେଶ୍ୱରଠାରେ ପ୍ରତିବର୍ଷ ପରି ଚଳିତ ବର୍ଷ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ଓ ପୂର୍ଣ୍ଣାହୁତି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମାର୍ଚ୍ଚ ୩ ତାରିଖ ରବିବାରଠାରୁ ଯଜ୍ଞର ଅଙ୍କୁରାରୋପଣ ପରେ ୪ ତାରିଖ ସୋମବାରଠାରୁ ଯଜ୍ଞ ଆରମ୍ଭ କରାଯାଇଥିଲା। ୧୨ ତାରିଖ ମଙ୍ଗଳବାର ଦିନ ମହାଆଡମ୍ବରରେ ଯଜ୍ଞର ପୂର୍ଣ୍ଣାହୂତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ହଜାର ହଜାର ଭକ୍ତଙ୍କ ସମାଗମରେ ଉତ୍ସବ ଉଦ୍‌ଯାପିତ ହୋଇଛି। ଏହି ରୁଦ୍ର ମହାଯଜ୍ଞ ବାବାଜୀ ଜଗନ୍ନାଥ ଦାସଙ୍କ ହସ୍ତରେ ଆରମ୍ଭ ହୋଇଥିଲା। ଏହି ଯଜ୍ଞ କାର୍ଯ୍ୟରେ କୈଳାସ ଚନ୍ଦ୍ର ନନ୍ଦ, ଗଣେଶ୍ୱର ନନ୍ଦ, ବାଞ୍ଛାନିଧି ମିଶ୍ର, ଶ୍ରୀମନ୍ତ ରଥ, ଭଜକୃଷ୍ଣ ମିଶ୍ର, ଉମାକାନ୍ତ ନନ୍ଦ, ଅନ୍ନଦା ପ୍ରସାଦ ଷଡଙ୍ଗୀ, ସୌମ୍ୟରଞ୍ଜନ ପ୍ରହରାଜ, ଶ୍ୟାମାକାନ୍ତ ମିଶ୍ର, ରଞ୍ଜନ ଷଡଙ୍ଗୀ, କର୍ତ୍ତା ଭାବେ ଉଦୟନାଥ ରାଉଳ, ବିପିନ ନାୟକ ପ୍ରମୁଖ ଅଂଶଗ୍ରହଣ କରି ବିଧି ଓ ବିଧାନ ସହିତ ପୂଜାର୍ଚ୍ଚନା କରିଥିଲେ। ଯଜ୍ଞ କମିଟିର ସଭ୍ୟ ନାରାୟଣ ପଣ୍ଡା, ଚକ୍ରଧର ପଣ୍ଡା, ପବିତ୍ର ମୋହନ ପ୍ରଧାନ, ରବୀନ୍ଦ୍ର ରାଉଳ, ମନୋରଞ୍ଜନ ରାଉଳ, ନିତ୍ୟାନନ୍ଦ ରାଉଳ, ଲଳିତ ରାଉଳ, ନିରଞ୍ଜନ ରାଉଳ, ରମେଶ ଚନ୍ଦ୍ର ରାଉଳ, ଶୁକଦେବ ପ୍ରଧାନ, ବିଶ୍ୱଭୂଷଣ ପ୍ରଧାନ ପ୍ରମୁଖ ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ।



# ଶେଷବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ବଡମ୍ବା, ୧୫।୩(ସମିସ): ବଡମ୍ବା ମୋହନ ସୁବୁଦ୍ଧି ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ +୩ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଭାଗର ମୁଖ୍ୟ ସରିତା ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସୁଚିସ୍ମିତା ମହାନ୍ତି ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ମୁଖ୍ୟ ବିଶ୍ୱନାଥ ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ଗଣିତ ବିଭାଗର ମୁଖ୍ୟ ଡ. ତନୟା ପଟେଲ ଯୋଗଦେଇଥିଲେ। ଅଧ୍ୟାପକ ଡ. ଅରବିନ୍ଦ ନାୟକ ଏକ ସ୍ମୃତିଭରା ବିଦାୟକାଳୀନ କବିତା ଆବୃତ୍ତି କରିଥିଲେ। କାର୍ଯ୍ୟକ୍ରମ ଅବସରରେ ବିଭାଗୀୟ ପ୍ରାଚୀର ପତ୍ରିକା 'ପ୍ରତିଭାୟନ' ଉନ୍ମୋଚନ କରାଯାଇଥିଲା ଓ ଏହି କାର୍ଯ୍ୟକ୍ରମରେ ଓଡ଼ିଆ ବିଭାଗର ବରିଷ୍ଠ ଅଧ୍ୟାପକ ଲକ୍ଷ୍ମୀଧର ପଣ୍ଡା ଓ ଅଧ୍ୟାପିକା ସୁଶ୍ରୀ ସଙ୍ଗୀତା ମହାପାତ୍ର, ସୁମିତ୍ରା ସାହୁ, ଗୀତାଞ୍ଜଳି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପିକା ସୁମିତ୍ରା ସାହୁ ଧନ୍ୟବାଦ ଦେଇଥିଲେ।

# ବାଙ୍କୀ କଲେଜରେ ବିଦାୟକାଳୀନ ସମ୍ବର୍ଦ୍ଧନା




ବାଙ୍କୀ, ୧୫।୩(ସମିସ): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗ ତରଫରୁ ଆଜି କଲେଜ ଦୃଶ୍ୟଶ୍ରାବ ଗୃହ ଠାରେ ଶେଷ ବର୍ଷର ସ୍ନାତକ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଉକ୍ତ ଉତ୍ସବରେ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଚିନ୍ମୟୀ ମିଶ୍ର ସଭାପତିତ୍ୱ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ଡକ୍ଟର ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ଅଧ୍ୟାପିକା ଯୁଗୁନ୍ ଜ୍ୟୋସ୍ନା ଓ ଅଧ୍ୟାପିକା ରୋଜାଲିନ୍ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସହାୟତା ରାଶି ଓ ଭତ୍ତା ବଣ୍ଟନ କଲେ ବିଧାୟକ




ମାହାଙ୍ଗା, ୧୫।୩(ସମିସ)

ମାହାଙ୍ଗା ବିଧାୟକ ପ୍ରତାପ ଜେନା ବିଭିନ୍ନ ପଞ୍ଚାୟତ ଗସ୍ତ କରି ଏକାଧିକ ପ୍ରକଳ୍ପ ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି। ପ୍ରଥମେ ଜଳେଶ୍ୱରପୁର ପଞ୍ଚାୟତ ଗସ୍ତ କରି ୨୦ ଲକ୍ଷରୁ ଉର୍ଦ୍ଧ୍ୱ ବ୍ୟୟ ଅଟକଳରେ ଅଳିଯୋଡାଠାରୁ ପଶୁଲୁଣ୍ଡା ପର୍ଯ୍ୟନ୍ତ କେନାଲ ବନ୍ଧ ରାସ୍ତାର ଶିଳାନ୍ୟାସ କରିବା ପରେ ଅଳିଯୋଡା ପ୍ରାଥମିକ ବିଦ୍ୟାଳୟର ନୂତନ ଗୃଡ ଓ ଗଙ୍ଗପୁରା ପ୍ରାଥମିକ ବିଦ୍ୟାଳୟର ନୂତନ ଗୃହର ଶୁଭ ଉଦ୍‌ଘାଟନ କରିଥିଲେ। ପରେ ଶ୍ରୀକୃଷ୍ଣପୁର ପଞ୍ଚାୟତ ଗସ୍ତ କରି କୁଆଁପାଳ ବଜାରସ୍ଥିତ ହନୁମାନ ମନ୍ଦିର ଠାରେ ଏକ ସାଧାରଣ ସଭାରେ ଯୋଗଦେଇ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ୫ କୋଟି ୫୩ ଲକ୍ଷ ୭୬ ହଜାର ସହାୟତା ରାଶି ବଣ୍ଟନ, ୨୨୬୯ ଜଣଙ୍କୁ ନୂତନ ବିଏସକେୱାଇ ନବୀନ କାର୍ଡ ଓ ୯୩ ଜଣଙ୍କୁ ଭତ୍ତା ବଣ୍ଟନ ଏବଂ ୧୦ଟି ଏସଏଚଜି ଗ୍ରୁପକୁ ୫ଲକ୍ଷ ଟଙ୍କା ଚେକ ପ୍ରଦାନ କରି ନବୀନ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଉପରେ ଆଲୋଚନା କରିବା ସହ ମାହାଙ୍ଗା ବ୍ଲକରେ ହେଉଥିବା ବିକାଶମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତି, ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ଜିଲ୍ଲା ପରିଷଦ ସଭ୍ୟା ସୁସ୍ମିତା ଦାସ, ଜିଲ୍ଲା ପରିଷଦ ସଭ୍ୟ ଜଗବନ୍ଧୁ ସେଠୀ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ରିଆଜୁଲ ହୋଦା, ବିଡିଓ ବିଶ୍ୱରଞ୍ଜନ ବିଶ୍ୱାସ, ସିଡିପିଓ ପ୍ରମୋଦିନୀ ଦାସ, ଡିଏଲଓ ପ୍ରୀତିରଞ୍ଜନ ଘଡେଇ, ଡିଏଲସି ହରପ୍ରିୟା ନାୟକ, ଏଏଲଓ ରଶ୍ମିରଞ୍ଜନ ବରାଳ, ଜଳେଶ୍ୱରପୁର ସରପଞ୍ଚ ସୁଜାତା ମଲିକ, ସମିତିସଭ୍ୟା ରେବତୀ ସେଠୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ହୃଷିକେଶ ସ୍ୱାଇଁ, ଶ୍ରୀକୃଷ୍ଣପୁର ସରପଞ୍ଚ ରାଜକିଶୋର ବଳ, ମହିଳା ଫେଡେରେସନ ସଭାନେତ୍ରୀ ସସ୍ମିତା ମହାନ୍ତି, ସମ୍ପାଦିକା ମମତା ରାଉତ ଯୋଗଦେଇଥିବାବେଳେ ବହୁ ସରପଞ୍ଚ, ସମିତିସଭ୍ୟ/ସଭ୍ୟା, ଆଶାକର୍ମୀ, ବିଜେଡି କର୍ମକର୍ତ୍ତା ଓ ଅଙ୍ଗନବାଡି କର୍ମୀମାନେ ଉପସ୍ଥିତ ରହିଥିଲେ। ଏହି ଅବସରରେ ସରପଞ୍ଚ ସଂଘ, ସମିତିସଭ୍ୟ ସଂଘ, ଆଶା ସଂଘ ଓ ଅଙ୍ଗନବାଡୀ କର୍ମୀ ସଂଘ ପକ୍ଷରୁ ବିଧାୟକ ଶ୍ରୀ ଜେନାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

# ଟେନାମେଣ୍ଟବାସୀଙ୍କୁ ମିଳିଲା ସ୍ଥାୟୀ ଘରପଟ୍ଟା

ଚୌଦ୍ୱାର, ୧୫।୩(ସମିସ)

ଚୌଦ୍ୱାର ପୌରପାଳିକା ୧୦ନଂ ୱାର୍ଡ ଲେବର ଟେନାମେଣ୍ଟର ୮୯ ପରିବାରକୁ ସ୍ଥାୟୀ ଘରପଟ୍ଟା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ଯଯାତୀ କେଶରୀ କ୍ଲବ୍ ପରିସରରେ ଆୟୋଜିତ ଉତ୍ସବରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଟେନାମେଣ୍ଟରେ ରହୁଥିବା ୮୯ ପରିବାରକୁ ସେମାନେ ରହୁଥିବା ଘରର ସ୍ଥାୟୀ ପଟ୍ଟା ପ୍ରଦାନ ଶୁଭାରମ୍ଭ କରିଥିଲେ। ଲେବର ଟେନାମେଣ୍ଟ ଉନ୍ନୟନ ପରିଷଦର କାର୍ଯ୍ୟକାରୀ ସଭାପତି ତଥା ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରମ ଆୟୁକ୍ତ ନିଳାମ୍ବର ବିଶାଳ, ଡୁଡାର ପ୍ରକଳ୍ପ ନିର୍ଦ୍ଦେଶକ ହେମନ୍ତ ସ୍ୱାଇଁ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, କାଉନସିଲର ବିଜୟ ମଲ୍ଲିକ, ସୁବ୍ରତ ସାମଲ, ଆଶୁତୋଷ ଦାସ, ରାଜସ୍ୱ ବିଭାଗର ବହୁ ପଦାଧିକାରୀ ଏଥିରେ ଅତିଥିଭାବେ ଯୋଗଦେଇଥିଲେ। ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ ଉପସ୍ଥିତ ବସ୍ତି ବାସିନ୍ଦାଙ୍କୁ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ହେତୁ ଟେନାମେଣ୍ଟବାସୀଙ୍କୁ ପଟ୍ଟା ମିଳିବା ସମ୍ଭବ ହୋଇ ପାରିଥିବା ପ୍ରକାଶ କରି ଟେନାମେଣ୍ଟବାସୀଙ୍କ ତରଫରୁ ତାଙ୍କୁ ଗଭୀର କୃତଜ୍ଞତା ଜଣାଇଥିଲେ। ରମେଶ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଶ୍ରମମନ୍ତ୍ରୀ ଶାରଦା ପ୍ରସାଦ ନାୟକ ଆଭାସୀ ଜରିଆରେ ଟେନାମେଣ୍ଟବାସୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।



## ବଜ୍ରାଘାତରେ ଛେଳି ଚରାଳୀ ମୃତ

**ଟାଙ୍ଗୀ,୧୫ ।୩(ସମିସ):** ଜଙ୍ଗଲକୁ ଛେଳି ଚରାଇବାକୁ ଆସି ବୁଧବାର ଅପରାହ୍ନରେ ବଜ୍ରାଘାତ ଯୋଗୁଁ ଟାଙ୍ଗୀ ଥାନା ଗରୁଡଗାଁ ପଞ୍ଚାୟତ ଅନ୍ତର୍ଗତ ପାତାଳସିଙ୍ଗଡ଼ା ବସ୍ତିର ଅର୍ଜୁନ ସାମଲ (୩୫)ଙ୍କ ମୃତ୍ୟୁ ଘଟିଛି । ମୃତଦେହ ବ୍ୟବଚ୍ଛେଦ ପରେ ଗୁରୁବାର ଗ୍ରାମସ୍ଥ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ସ୍ଥାନୀୟ ସରପଞ୍ଚ ଦିପ୍ତିମୟୀ ବେହେରା, ପ୍ରାକ୍ତନ ସରପଞ୍ଚ ସୁବୋଧ କୁମାର ସାମଲ ଓ ନାଏବ ସରପଞ୍ଚ ମାନସ ଭଗତ ପହଞ୍ଚି ଶେଷ ଦର୍ଶନ ପୂର୍ବକ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି । ସୂଚନା ଅନୁଯାୟୀ ଅର୍ଜୁନ ସବୁଦିନ ପରି ବୁଧବାର ଛେଳି ଚରାଇବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ । ବଜ୍ରାଘାତର ଶିକାର ହେବା ପରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପ୍ରଥମେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ଦୁର୍ଘଟଣାରେ ଶିଶୁକନ୍ୟା ଗୁରୁତର

**ସାଲେପୁର,୧୫।୩(ସମିସ):** ଆଜି ଦିନ ପ୍ରାୟ ୧୨ଟା ସମୟରେ କଟକ-ସାଲେପୁର ରାସ୍ତାର କଣ୍ଟାସାହି ଗ୍ରାମ ନିକଟରେ କଟକରୁ ସାଲେପୁର ଆଭିମୁଖେ ଦ୍ରୁତଗତିରେ ଆସୁଥିବା ଏକ ହାଇୱା ଗାଡିଟି ରାସ୍ତା ପାର ହେଉଥିବା ମାହାଙ୍ଗା ଥାନା ଅଞ୍ଚଳର ଖତାଙ୍ଗଗ୍ରାମର ଭାଗ୍ୟଶ୍ରୀ ପ୍ରଧାନ(୭)ଙ୍କ ଉପରେ ଚଢ଼ିଯିବାରୁ ଭାଗ୍ୟଶ୍ରୀ ଗୁରୁତର ଆହତ ହୋଇଥିଲେ । ସାଲେପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଭାଗ୍ୟଶ୍ରୀଙ୍କୁ ଉଦ୍ଧାର କରି ସାଲେପୁର ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ମେଡ଼ିକାଲକୁ ପଠାଇ ଦିଆଯାଇଛି । ଅପରପକ୍ଷରେ ଦୁର୍ଘଟଣା ଘଟାଇଥିବା ହାଇୱାକୁ ପୁଲିସ ଜବତ କରିଛି ।

## ନାବାଳିକା ଛାତ୍ରୀଙ୍କର ଅଶ୍ଳୀଳ ଫଟୋ ଭାଇରାଲ; ଯୁବକ ଗିରଫ

**ସାଲେପୁର,୧୫।୩(ସମିସ):** ସାଲେପୁର ଥାନା ଅଞ୍ଚଳର ଜଣେ ନାବାଳିକା ଛାତ୍ରୀ ସହ ଜୈନିକ ଯୁବକ ଇନଷ୍ଟଗ୍ରାମରେ ସମ୍ପର୍କ ସୃଷ୍ଟି କରି କୌଶଳକ୍ରମେ ଛାତ୍ରୀଙ୍କର କିଛି ଅଶ୍ଳୀଳ ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରିବା ଅଭିଯୋଗରେ ସାଲେପୁର ପୁଲିସ ଉକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ପୁଲିସ ସୂତ୍ରରୁ ପ୍ରକାଶ ଯେ, ଜଗତସିଂହପୁର୍ ଜିଲ୍ଲା ତିର୍ତ୍ତୋଲ ଅଞ୍ଚଳର ଅନ୍ୱେଷଣ ମଲ୍ଲିକ (୨୬) ସାଲେପୁର ଥାନା ଅଞ୍ଚଳର ଏକ ନାବାଳିକା ଛାତ୍ରୀ ସହ ସୋସିଆଲ ମିଡିଆରେ ବନ୍ଧୁତା ସ୍ଥାପନ କରି ତାକୁ ପ୍ରେମ ଜାଲରେ ଫସାଇ କୌଶଳ କ୍ରମେ ତାଙ୍କ ଅଶ୍ଳୀଳ ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ୍ କରିବା ନେଇ ଛାତ୍ରୀ ଜଣକ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସାଲେପୁର ପୁଲିସ ଅଭିଯୋଗକୁ ଗ୍ରହଣ କରି ସାଲେପୁର ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଉକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ନିୟନ୍ତ୍ରିତ ବଜାର କମିଟିର ଦୋକାନ ଗୃହ ଉଦ୍‌ଘାଟିତ



**ଆଠଗଡ଼,୧୫।୩(ସମିସ):** ଆଠଗଡ଼ କଇଁଥ ଛକ ନିକଟରେ ନିର୍ମାଣାଧୀନ ନରସିଂହପୁର ନିୟନ୍ତ୍ରିତ ବଜାର କମିଟି ର ୧୫ ଟି ଦୋକାନ ଘର ଉଦଘାଟିତ ହୋଇ ଯାଇଛି । ଏହି ଦୋକାନ ଗୃହରେ ଜନ ସାଧାରଣ ବିଭିନ୍ନ କୃଷି ଜାତ ସାମଗ୍ରୀ ଗୁଡ଼ିକ ର ବ୍ୟବସାୟ କରି ପାରିବେ ବୋଲି କୁହାଯାଉଛି । ଆଠଗଡ଼ ବିଧାୟକ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍?।ଇଁ ଏହାର ଉଦଘାଟନ କରିଥିବା ବେଳେ ନରସିଂହପୁର ନିୟନ୍ତ୍ରିତ ବଜାର କମିଟି ର ସମ୍ପାଦକ ରାମନାରାୟଣ ମଲ୍ଲିକ, ପୂର୍ବତନ ଉପଜିଲ୍ଲାପାଳ ହେମନ୍ତ କୁମାର ସ୍ୱାଇଁ ଙ୍କ ସହିତ ସ୍ଥାନୀୟ ସରପଞ୍ଚ ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ମିଶନ ଶକ୍ତି ଖୁଚୁରା ବିକ୍ରୟ କେନ୍ଦ୍ର ଉଦଘାଟିତ

**ଟାଙ୍ଗୀ,୧୫ ।୩(ସମିସ):** ମିଶନ ଶକ୍ତି ପକ୍ଷରୁ ଟାଙ୍ଗୀ-ଚୌଦ୍ୱାର ମାଗୁରା ଧାନମଣ୍ଡଳ ପଞ୍ଚାୟତରେ ଏକ ଖୁଚୁରା ବିକ୍ରୟ କେନ୍ଦ୍ର ଶୁକ୍ରବାର ଉଦଘାଟିତ ହୋଇଯାଇଛି । ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି, ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ଜନ୍ମେଜୟ ଖିଲାର, ପଞ୍ଚାୟତ ସମିତି ସଭ୍ୟା ଭାରତୀ ହାତୀ ଓ ପଞ୍ଚାୟତ



ବିଜେଡି ସଭାପତି ନକୁଳ ରାଉତ ସମ୍ମାନୀତ ଅତିଥି ଭାବେ ବିକ୍ରୟ କେନ୍ଦ୍ର ଉଦଘାଟନ ପୂର୍ବକ ସାଧାରଣ ସଭାରେ ମହିଳା ସଶକ୍ତିକରଣ ବାର୍ତ୍ତା ପ୍ରଦାନ କରିଥିଲେ । ସ୍ଥାନୀୟ ସରପଞ୍ଚ ରଶ୍ମିରଞ୍ଜନ ରାଉତ ପୌରହିତ୍ୟ କରିଥିବାବେଳେ ମିଶନ ଶକ୍ତି ବ୍ଲକ ସଂଯୋଜକ ଦେବାଶିଷ କର, ପ୍ରକଳ୍ପ ସଂଯୋଜିକା ଗଙ୍ଗୋତ୍ରୀ ଦଳେଇ, ପ୍ରବୋଧ ସାହୁ, ପ୍ରାଣୀ ମିତ୍ର, କୃଷି ମିତ୍ର, ସିଆରପି ଓ ଏମବିକେ ପ୍ରମୁଖ ଶତାଧିକ ମହିଳା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## କ୍ଲିନିକାଲ କୋଠା-୧ରେ ଟ୍ରାନ୍ସଭର୍ସ ଗାର୍ଡର



**ଏସ୍‌ସିବି ସମ୍ପ୍ରସାରଣ ପ୍ରକଳ୍ପ**

**କଟକ,୧୫।୩(ସମିସ):** ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ କରିବା ପାଇଁ ଉଦ୍ୟମ କରାଯାଉଛି । ଏହା ଏମ୍ସ ପ୍ଲସରେ ପରିଣତ ହେବ । ଏଥି ନିମନ୍ତେ ରାଜ୍ୟ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ଏସସିବି ସମ୍ପ୍ରସାରଣ ପ୍ରକଳ୍ପ ମଧ୍ୟରେ ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ଚାଲିଛି । ଏହି ପରିପ୍ରେକ୍ଷୀରେ କ୍ଲିନିକାଲ କୋଠା-୧ରେ ନିର୍ମାଣ ହୋଇଛି ଟ୍ରାନ୍ସଭର୍ସ ଗାର୍ଡର । ୩ମହଲା ଉପରେ ଉକ୍ତ ଗାର୍ଡର ନିର୍ମାଣ କରାଯାଇଛି । ଏହା ଦ୍ୱାରା କୋଠାର ଗୋଟିଏ ପାର୍ଶ୍ୱରୁ ଅନ୍ୟ ଏକ ପାର୍ଶ୍ୱକୁ ଯାତାୟତ କରିହେବ । ଟ୍ରାନ୍ସଭର୍ସ ଗାର୍ଡର ଉପରେ ଆଉ ୬ମହଲା ନିର୍ମାଣ କରାଯିବ । ପ୍ରକାଶଥାଉକି, ଏସ୍‌ସିବି ସମ୍ପ୍ରସାରଣ ପ୍ରକଳ୍ପ ଭିତରେ ୪ଟି ନୂତନ କ୍ଲିନିକାଲ କୋଠା ଏବଂ ୧୩ଟି ଆବାସିକ କୋଠା ନିର୍ମାଣ ହେଉଛି ।

## ପ୍ରେଷ୍ଟିଜ, ପେନସନ ଓ ପ୍ରୋଟେକ୍ସନ ଦାବି ନେଇ ଜିଲ୍ଲା ଓୟୁଜେ ପକ୍ଷରୁ ଶାନ୍ତିପୂର୍ଣ୍ଣ ପ୍ରତିବାଦ




**ସାଲେପୁର,୧୫।୩(ସମିସ):** ରାଜ୍ୟ ସରକାର ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଡାକ୍ତରଙ୍କ ଠାରୁ ଆରମ୍ଭ କରି ଝାଡୁଦାରଙ୍କ ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ଘୋଷଣା କରିଥିବାବେଳେ ରାଜ୍ୟର ସାମ୍ବାଦିକଙ୍କ ପ୍ରତି ବୈମାତୃକ ମନୋଭାବ ପ୍ରତିପୋଷଣ କରୁଛନ୍ତି । ଏ ନେଇ ସାମ୍ବାଦିକଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ଏ ନେଇ ଓଡ଼ିଶା ସାମ୍ବାଦିକ ସଂଘ (ଓୟୁଜେ) ଡାକରାରେ ସମଗ୍ର ରାଜ୍ୟରେ ବିଭିନ୍ନ ସ୍ଥାନରେ ଆଜି ସାମ୍ବାଦିକମାନେ କଳା ବ୍ୟାଚ ପିନ୍ଧି ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ପରିପ୍ରେକ୍ଷୀରେ କଟକ ଜିଲ୍ଲା ସାମ୍ବାଦିକ ୟୁନିଅନ ପକ୍ଷରୁ ଆଜି ସାଲେପୁର ଆଞ୍ଚଳିକ ସଂଘର ସହଯୋଗରେ ସାଲେପୁର, ଜଗତପୁର, କିଶୋରନଗର ଓ ନିଶ୍ଚିନ୍ତକୋଇଲି ଅଞ୍ଚଳର ବହୁ ସାମ୍ବାଦିକ ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ଏକତ୍ରିତ ହୋଇ କଳା ବ୍ୟାଚ୍ ପରିଧାନ କରିଥିଲେ । ପରେ ଏକ ଶୋଭାଯାତ୍ରାରେ ବାହାରି ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିଥିଲେ । ସେମାନେ ମୁଖ୍ୟତଃ ପ୍ରେଷ୍ଟିଜ୍, ପ୍ରୋଟେକ୍ସନ ଓ ପେନସନ ଦାବି କରି ପ୍ରତିବାଦ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲା ସାମ୍ବାଦିକ ୟୁନିଅନର ସଭାପତି ପ୍ରଫୁଲ୍ଲ କୁମାର ମହାନ୍ତି, ସମ୍ପାଦକ ଅଜୟ କୁମାର ଦାସ, ଉପସଭାପତି ପ୍ରଦୀପ ପରିଜା, ସୀତାନାଥ ସିଂ, ସନ୍ତୋଷ କୁମାର ସ୍ୱାଇଁ, ସନ୍ତୋଷ କୁମାର ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଭୂତି ଭୂଷଣ ତରାଇ, ରାଧାମାଧବ ଦାସ, ଚିତ୍ତରଞ୍ଜନ ମୁଦୁଲି, ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘର ସମ୍ପାଦକ ହୃଷିକେଶ ମଲ୍ଲିକ, ସୁଧୀର ଶତପଥୀ, ପ୍ରତ୍ୟୁଷ ମହାନ୍ତି, ହେମନ୍ତ କୁମାର ଭୂୟାଁ, ପ୍ରଦୀପ୍ତ କର, ତପନ କୁମାର ମହାନ୍ତି, ବିସ୍ମିତ କୁମାର ଜେନା, ମନୋଜ ଆଚାର୍ଯ୍ୟ, ଅରବିନ୍ଦ ଭୂୟାଁ, ଅନନ୍ତ ଚରଣ ଦାଶ, ପ୍ରଦୀପ୍ତ କୁମାର ଶତପଥି, ସୁଜିତ୍ ଭୂୟାଁ, ବିରଞ୍ଚି ନାରାୟଣ କର ସମେତ ବହୁ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।

## ଅସୁସ୍ଥଙ୍କୁ ଉଦ୍ଧାର କଲେ ସମାଜସେବୀ



**ଆଠଗଡ଼,୧୫।୩(ସମିସ):** କଟକ ଜିଲ୍ଲା ଆଠଗଡ଼ ବ୍ଲକ ରାଧାକୃଷ୍ଣପୁର ପାଟିଆ ସାହିର ଜେମା ପନ୍ଦର ଦିନ ହେଲା ଜ୍ୱରରେ ପୀଡ଼ିତ ହୋଇ ନିଜ ଘର ବାରଣ୍ଡାରେ ପଡିରହିଥିଲେ । ଡାକ୍ତରଖାନା ଯିବାକୁ ସାମର୍ଥ୍ୟ ଓ ସୁବିଧା ନ ଥିଲା । ଏ ସମ୍ପର୍କରେ ଖବର ପାଇ ଆଜି ସମାଜସେବୀ ସାମ୍ବାଦିକ ଶ୍ୱେତକାନ୍ତ ବେହେରା ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଦିଲ୍ଲୀପ ଦାସଙ୍କୁ ଜଣାଇଥିଲେ । ଡ. ଦାସ ଆମ୍ବୁଲାନ୍ସର ବ୍ୟବସ୍ଥା କରିଥିଲେ ମଧ୍ୟ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସର ଘଟଣାସ୍ଥଳରେ ପହଞ୍ଚି ପାରି ନ ଥିଲା । ପରେ ସମାଜସେବୀ ଶ୍ରୀ ବେହେରା ସ୍ୱାସ୍ଥ୍ୟ କର୍ମଚାରୀ ରମାକାନ୍ତ ସିହ୍ନା ଓ ଗାଁର ଦୁଇ ଜଣ ଯୁବକ ଖଟିଆରେ ଦେଢ କିମି ବୋହି ନେବା ପରେ ଆମ୍ବୁଲାନ୍ସରେ ନିଆଯାଇ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ତାଙ୍କୁ ଭର୍ତ୍ତି କରାଯାଇଥିଲା । ଜ୍ୱର ସାଙ୍ଗକୁ ଖାଦ୍ୟପେୟ ଅଭାବରୁ ରୋଗୀଟି ଦୁର୍ବଳ ହୋଇପଡ଼ିଥିବା ଚିକିତ୍ସା କରୁଥିବା ଡାକ୍ତରଙ୍କ ସୂତ୍ରରୁ ପ୍ରକାଶ ।

## କୁଅରୁ ଶିଶୁକନ୍ୟାର ମୃତଦେହ ଉଦ୍ଧାର

**ହତ୍ୟା ସନ୍ଦେହରେ ଜୈନିକ ଯୁବକକୁ ଧରି ପୁଲିସ ଜିମାଦେଲେ ଗ୍ରାମବାସୀ**

**ସାଲେପୁର,୧୫।୩(ସମିସ):** ଆଜି ସାଲେପୁର ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି । ସାଲେପୁର ଥାନା ଅନ୍ତର୍ଗତ ଅଲ୍ଲୀପୁର ଗ୍ରାମର ହୃଷିକେଶ ବେହେରାଙ୍କ ଘରକୁ ପ୍ରାୟ ପାଞ୍ଚଦିନ ତଳେ ତାଙ୍କ ଝିଅ ପ୍ରଭାସିନୀ ଦାସ ଓ ଦୁଇବର୍ଷ ବୟସର ନାତୁଣୀ ତୃପ୍ତିପ୍ରଜ୍ଞା ଦାସ ବୁଲିବାକୁ ଆସିଥିଲେ । ଆଜି ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଉକ୍ତ ଗ୍ରାମର ସ୍ମୃତିରଞ୍ଜନ ଭୂୟାଁ ତୃପ୍ତିପ୍ରଜ୍ଞାକୁ ବାହାରକୁ ଖେଳେବାକୁ ନେଉଛି ବୋଲି କହି ସାଥିରେ ନେଇଯାଇଥିଲେ । ବିଳମ୍ବିତ ସମୟ ପର୍ଯ୍ୟନ୍ତ ଝିଅ ଘରକୁ ନ ଫେରିବାରୁ ପରିବାର ଲୋକେ ତୃପ୍ତିପ୍ରଜ୍ଞାକୁ ଖୋଜାଖୋଜି କରି ଏକ କୂଅ ମଧ୍ୟରେ ପ୍ରାୟ ୬୦ଫୁଟ ତଳେ ସେ ପଡିଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ । ଏ ନେଇ ସଙ୍ଗେ ସଙ୍ଗେ ଦମକଳ ବାହିନୀକୁ ଖବର ଦେଇଥିଲେ । ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଶିଶୁକନ୍ୟାକୁ ଉଦ୍ଧାର କରି ସାଲେପୁର ଡାକ୍ତରଖାନାକୁ ଆଣିଥିବା ବେଳେ ଡାକ୍ତର ସେଠାରେ ତାକୁ ମୃତ ଘୋଷଣା କରିଥିଲେ । ଅପରପକ୍ଷରେ ସମ୍ପୃକ୍ତ ଯୁବକ ଜଣକ ଜଣେ ନିଶାଗ୍ରସ୍ତ ବ୍ୟକ୍ତି ହୋଇଥିବାରୁ ଏହି ଯୁବକ ଜଣକ ନିଶାସକ୍ତ ଅବସ୍ଥାରେ ଶିଶୁ କନ୍ୟାଟିକୁ କୂଅରେ ଫିଙ୍ଗିଦେଇଥିବାର ଗ୍ରାମବାସୀମାନେ ସନ୍ଦେହ କରି ସମ୍ପୃକ୍ତ ଯୁବକକୁ ଧରି ପୁଲିସ ଜିମାଦେଇଥିବା ଜଣାଯାଇଛି । ଅପରପକ୍ଷରେ ଖବର ପାଇ ସାଲେପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚାଲୁରଖିଛି ।

## ଅସୁରେଶ୍ୱର ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ ଗୃହ ଶିଳାନ୍ୟାସ



**ନିଶ୍ଚିନ୍ତକୋଇଲି,୧୫।୩(ସମିସ):** ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ବହୁ ପୁରାତନ ଅସୁରେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ସଠିକ୍ ଭାବେ ଗୃହ ନ ଥିବାରୁ ରୋଗୀ ଚିକିତ୍ସାରେ ସମସ୍ୟା ଉପୁଜିଥିଲା । ସ୍ଥାନୀୟ ଅଞ୍ଚଳବାସୀ ଏକ ନୂତନ ଗୃହ ନିର୍ମାଣ ପାଇଁ ବାରମ୍ବାର ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ନିକଟରେ ଦାବି କରି ଆସୁଥିଲେ । ବିଧାୟକ ଶ୍ରୀ ଜେନା ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ନୂତନ ଗୃହ ନିର୍ମାଣ ପାଇଁ ୧କୋଟିରୁ ଉର୍ଦ୍ଧ୍ୱର୍ ଟଙ୍କା ଅନୁଦାନ ଯୋଗାଇଦେଇଛନ୍ତି । ଉକ୍ତ ନୂତନ ଗୃହର ନିର୍ମାଣ କାର୍ଯ୍ୟ ନିମନ୍ତେ ଶୁଭ ଶିଳାନ୍ୟାସ କରାଯାଇଛି । ସରପଞ୍ଚ ଗୌତମୀ ଦାସଙ୍କ ପୌରହିତ୍ୟରେ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ ଓଝା, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗିରିଶରଞ୍ଜନ ମହାପାତ୍ର, ବିଜେଡ଼ି ସଭାପତି ରମାକାନ୍ତ ମହାନ୍ତି, ଜିଲ୍ଲାପରିଷଦ ସଭ୍ୟା ଜସ୍ମିତା ସେଠୀ, ଯୁବନେତା ହରେକୃଷ୍ଣ ସେଠୀ, ବ୍ଲକ ବିଜେଡି ସମ୍ପାଦକ ବସନ୍ତ କୁମାର ସାହୁ, ଯୁବନେତା ଅନନ୍ତ କୁମାର ଦାସଙ୍କ ସମେତ ବହୁ ବିଜେଡ଼ି ନେତୃବୃନ୍ଦ ଓ ଜନପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

## ମହାନଦୀ ବନ୍ଧ ଉନ୍ନତିକରଣ ଶିଳାନ୍ୟାସ

**ବଡମ୍ବା,୧୫।୩(ସମିସ):** ବଡ଼ମ୍ବା ଗୋପୀନାଥପୁର ଠାରେ ନଦୀବନ୍ଧ ଉନ୍ନତିକରଣ ପାଇଁ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଏହି କାର୍ଯ୍ୟକ୍ରମରେ ବଡମ୍ବା ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ୩୦ ନମ୍ବର୍ ଜୋନ ଜିଲ୍ଲାପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ଉପାଧ୍ୟକ୍ଷାଙ୍କ ପ୍ରତିନିଧି ସୁଶାନ୍ତ ଜେନା, ଗୋପୀନାଥପୁର ସରପଞ୍ଚ ଯଯାତି କେଶରୀ ନାୟକ, ସମିତିସଭ୍ୟ ଜିତେନ୍ଦ୍ର କୁମାର ମଲ୍ଲିକ, ମୁଗଗହୀର ସରପଞ୍ଚ କଳ୍ପନା ଚୌଧୁରୀ, ସମିତିସଭ୍ୟା ସୁନିତା ଚୌଧୁରୀ, ଶଙ୍ଖାମେରୀ ସରପଞ୍ଚ ଜୋତ୍ସ୍ନାମୟୀ ବିଶ୍ୱାଳ, ସମିତିସଭ୍ୟା ଚନ୍ଦ୍ରଭାମା ପଙ୍ଗାରିଙ୍କ ସମେତ ଗୋପୀନାଥପୁର ପଞ୍ଚାୟତର ବହୁ ଜନସାଧାରଣ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ପଞ୍ଚାନନ ସାହୁ ପରିଚାଳନା କରିଥିଲେ ।

## ୨୮ ରେ ମାହାଙ୍ଗା ଡବଲ ମର୍ଡର ମାମଲା ଶୁଣାଣି

**ହାଇକୋର୍ଟରେ ପ୍ରତାପ ଜେନାଙ୍କ ତରଫରୁ ଯୁକ୍ତି ଉପସ୍ଥାପନ ଶେଷ**

**କଟକ,୧୫ ।୩(ସମିସ)**

ମାହାଙ୍ଗା ଡବଲ ମର୍ଡର ମାମଲାରେ ସାଲେପୁର ଜେଏମଏଫସି ଅଦାଲତ ପ୍ରଦାନ କରିଥିବା ନିର୍ଦ୍ଦେଶ ବିରୋଧରେ ବିଧାୟକ ପ୍ରତାପ ଜେନାଙ୍କ ପକ୍ଷରୁ ହାଇକୋର୍ଟରେ ଦାୟର ଆବେଦନର ଶୁଣାଣି ମାର୍ଚ୍ଚ ୨୮କୁ ଧାର୍ଯ୍ୟ କରାଯାଇଛି । ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଶ୍ରୀ ଜେନାଙ୍କୁ ପୂର୍ବରୁ ପ୍ରଦାନ କରାଯାଇଥିବା ଅନ୍ତରୀଣ ସୁରକ୍ଷା ବଳବତ୍ତର ରହିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀ ଜେନାଙ୍କ ଆବେଦନର ଶୁଣାଣି କରି ବିଚାରପତି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଅନ୍ୟପଟରେ ଏହି ମାମଲାରେ ଆଜି ଆବେଦନକାରୀ ଶ୍ରୀ ଜେନାଙ୍କ ତରଫରୁ ଯୁକ୍ତି ଉପସ୍ଥାପନ ଶେଷ ହୋଇଛି । ପରବର୍ତ୍ତୀ ଶୁଣାଣି ସମୟରେ ରାଜ୍ୟ ସରକାର ଓ ଅନ୍ୟ ପ୍ରତିପକ୍ଷ ରଣଜିତ ବରାଳଙ୍କ ତରଫରୁ ଯୁକ୍ତି ଉପସ୍ଥାପନ କରାଯିବ । ପ୍ରକାଶଥାଉକି ମାହାଙ୍ଗା ଡବଲ ମର୍ଡର ମାମଲାରେ ରଣଜିତ ବରାଳଙ୍କ ପ୍ରୋଟେଷ୍ଟ ପିଟିସନର ଶୁଣାଣି କରି ସାଲେପୁର ଜେଏମଏଫସି ଅଦାଲତ ଶ୍ରୀ ଜେନାଙ୍କ ବିରୋଧରେ ଆଇପିସିର ଦଫା ୩୦୨, ୧୨୦-ବି, ୫୦୬ରେ କଗନିଜାନ୍ସ ଗ୍ରହଣ କରିବା ସହ ସମନ୍ ଜାରି କରିଥିଲେ । ଏହି ନିର୍ଦ୍ଦେଶ ବିରୋଧରେ ଶ୍ରୀ ଜେନାଙ୍କ ତରଫରୁ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା । ୨୦୨୩, ନଭେମ୍ବର ୨ରେ ହାଇକୋର୍ଟ ମାମଲାର ପ୍ରାରମ୍ଭିକ ଶୁଣାଣି କରି ଶ୍ରୀ ଜେନାଙ୍କ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରାଯାଇପାରିବ ନାହିଁ ବୋଲି ଏକ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ । ଏହି ଅନ୍ତରୀଣ ସୁରକ୍ଷା ବିଭିନ୍ନ ସମୟରେ ବୃଦ୍ଧି ସହ ବଳବତ୍ତର ରହିଛି ।

# ବିଭିନ୍ନ ସ୍ଥାନରେ ପ୍ରିଜାଇଡ଼ିଂ ଓ ପୋଲିଂ ଅଫିସରଙ୍କ ତାଲିମ କାର୍ଯ୍ୟକ୍ରମ

**କଟକ,୧୫ ।୩(ସମିସ)**

ଆଗାମୀ ସାଧାରଣ ନିର୍ବାଚନ ପରିଚାଳନା ନିମନ୍ତେ କଟକରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜିଠାରୁ ଆରମ୍ଭ ହୋଇଛି । ୨୦ ତାରିଖ ପର୍ଯ୍ୟନ୍ତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯିବ । ଏଥି ନିମନ୍ତେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ଚଳିତ ମାର୍ଚ୍ଚ ୧୪ରୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ନିର୍ବାଚନ ପରିଚାଳନା ସହ ସଂପୃକ୍ତ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ତାଲିମ ପ୍ରଦାନ କରିବା ପାଇଁ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିନୀତ ଭରଦ୍ୱାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ଶିବ ଟୋପୋ ଏହି ପ୍ରଶିକ୍ଷଣ ସହ ନିର୍ବାଚନ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟକୁ ତଦାରଖ ପୂର୍ବକ ସୂଚାରୁରୂପେ ତୁଲାଉଛନ୍ତି । ସୂଚନାଯୋଗ୍ୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜଙ୍କ ଦ୍ୱାରା ଏହି ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଜାତୀୟସ୍ତରୀୟ ମାଷ୍ଟର ପ୍ରଶିକ୍ଷକ ଭାବେ ଡିଟିଇଟି ଯୁଗ୍ମ ନିର୍ଦ୍ଦେଶକ ସଂଜିବିତା ରାୟ, ଏବଂ କଟକ ମହାନଗର ନିଗମ ଯୁଗ୍ମ ଆଯୁକ୍ତ ଇପ୍‌ସିତା ମିଶ୍ର, ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରାରମ୍ଭରେ ୨୦୦ ଜଣ ରିସୋର୍ସ ବ୍ୟକ୍ତି ବିଶେଷଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି ବର୍ଗରେ ରିସୋର୍ସ ବ୍ୟକ୍ତି, ମାଷ୍ଟର ପ୍ରଶିକ୍ଷକ, ପୋଲିଂ ଅଧିକାରୀ ସମେତ ନିର୍ବାଚନ ପରିଚାଳନା ସହ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କୁ ପ୍ରଶିକ୍ଷଣ ଦିଆଯିବାର କାର୍ଯ୍ୟକ୍ରମ ଥିବାବେଳେ ଆଜି ମହାନଗର ନିଗମ ଅଞ୍ଚଳ ସମେତ ବିଭିନ୍ନ ବ୍ଲକର ୫୯ଟି ସ୍ଥାନରେ ମାଷ୍ଟର ପ୍ରଶିକ୍ଷକଙ୍କ ଦ୍ୱାରା ପୋଲିଂ ତଥା ପ୍ରିଜାଇଡିଂ ଅଧିକାରୀଙ୍କୁ ତାଲିମ୍ ପ୍ରଦାନ କରାଯାଇଛି । ପ୍ରକାଶ ଥାଉକି ସମୁଦାୟ ୧୭,୪୦୦ ଜଣଙ୍କୁ ଏହି ପ୍ରଶିକ୍ଷଣରେ ତାଲିମ ଦିଆଯିବା ସହ ଇଭିଏମ୍ ପରିଚାଳନା ପାଇଁ ମଧ୍ୟ ତାଲିମ ପ୍ରଦାନ କରାଯାଉଛି ।

**ନିଶ୍ଚିନ୍ତକୋଇଲି:** ସାଧାରଣ ନିର୍ବାଚନ ପାଇଁ ବିଭିନ୍ନ ବୁଥ୍‌ରେ ଭୋଟ ଗ୍ରହଣ ଦାୟିତ୍ୱରେ ରହିବାକୁ ଚୟନ କରାଯାଇଥିବା ପ୍ରିଜାଇଡ଼ିଂ ଓ ପୋଲିଂ ଅଫିସରଙ୍କ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଥିବା ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୨୪ଟି ବୁଥ୍ ଓ କଟକ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୬୦ଟି ବୁଥ୍ ପାଇଁ ମୋଟ୍ ୯୯୨ ଅଫିସରଙ୍କୁ ତାଲିମ ପ୍ରଦାନ କରାଯାଉଛି । ପ୍ରତ୍ୟେକ ବୁଥ୍‌ରେ ଜଣେ ପ୍ରିଜାଇଡ଼ିଂ ଅଫିସର ସମେତ ୬ଜଣ କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ହୋଇଛି । ଆସନ୍ତା ନିର୍ବାଚନରେ ଭୋଟ ଗ୍ରହଣ ଦାୟିତ୍ୱ ତୁଲାଇବା ପାଇଁ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, କଲେଜର ଅଧ୍ୟାପକ ଅଧ୍ୟାପିକା ବିଭିନ୍ନ ବ୍ୟାଙ୍କରେ କାର୍ଯ୍ୟରତ କର୍ମଚାରୀ ଓ ବିଭିନ୍ନ କାର୍ଯ୍ୟାଳୟର କିରାଣୀମାନେ ନିୟୋଜିତ ହୋଇଛନ୍ତି । ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନରେ ଅହମ୍ମଦବକ୍ସ ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ବ୍ଲକ କୃଷି ବିଭାଗ ସମ୍ମିଳନୀ କକ୍ଷ ଏବଂ ପଞ୍ଚାୟତ ସମିତି ସଭାଗୃହରେ ଏହି ତାଲିମ କାର୍ଯ୍ୟକ୍ରମ କରାଯାଉଛି । ପ୍ରତ୍ୟେକ ତାଲିମ କେନ୍ଦ୍ରରେ ୫୦ରୁ ଉର୍ଦ୍ଧ୍ୱର୍ ଅଧିକାରୀମାନେ ତାଲିମ ଗ୍ରହଣ କରିଛନ୍ତି । ୬ଦିନ ବ୍ୟାପୀ ଏହି ତାଲିମ କାର୍ଯ୍ୟକ୍ରମ କରାଯାଇ ୧୯ ତାରିଖରେ ଶେଷ ହେବ ବୋଲି ଜଣାଯାଇଛି । ପ୍ରତ୍ୟେକ ତାଲିମ କେନ୍ଦ୍ରରେ ୪ଜଣ ଲେଖାଏଁ ମୋଟ ୧୨ଜଣ ପ୍ରଶିକ୍ଷକ ତାଲିମ ପ୍ରଦାନ କରୁଛନ୍ତି । ଉକ୍ତ ତାଲିମ ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ୪ଟା ପର୍ଯ୍ୟନ୍ତ କରାଯାଉଛି । ତାଲିମ ଗ୍ରହଣ କରୁଥିବା ଅଫିସରଙ୍କୁ ସରକାରଙ୍କ ପକ୍ଷରୁ ମଧ୍ୟାହ୍ନ ଭୋଜନ ଏବଂ ପାଣି, ଚାହା ଯୋଗାଇ ଦିଆଯିବା ପାଇଁ ଜଣକ ପିଛା ଶହେ ଟଙ୍କା ଲେଖାଏଁ ଖର୍ଚ୍ଚ କରାଯାଉଥିବା ଗ୍ରାମପଞ୍ଚାୟତ ଅଧିକାରୀ ମନୋଜ କୁମାର ପଡିହାରୀ ସୂଚନା ଦେଇଛନ୍ତି ।

**ବାଙ୍କୀ:** ଆଗାମୀ ସାଧାରଣ ନିର୍ବାଚନ କିଭଳି ଭାବେ ସୂଚାରୁ ରୂପେ ସଂପାଦନ କରାଯିବ ଏବଂ ନିର୍ବାଚନ କମିଶନରଙ୍କ ଗାଇଡ୍‌ଲାଇନ୍‌କୁ ଭିତ୍ତି କରି ନିର୍ବାଚନ ଦାୟିତ୍ୱରେ ଥିବା କର୍ମ.ରୀମାନେ କିପରି ଏହାକୁ ସୂଚାରୁ ରୂପେ ସଂପାଦନ କରିବେ ସେ ସଂପର୍କରେ ବାଙ୍କୀ ନିର୍ବାଚନ ମଣ୍ଡଳୀର ବାଙ୍କୀ ଓ ଡମପଡ଼ା ବ୍ଲକରେ ୪ଦିନିଆ ନିର୍ବାଚନ ପରିଚାଳନା ତାଲିମ୍ ଶିବିର ଅନୁଷ୍ଠିତ ହେଉଛି । ଏହି ଶିବିରରେ ବାଙ୍କୀ ଓ ଡମପଡ଼ା ବ୍ଲକରେ ଥିବା ସରକାରୀ ଅଫିସର ନିର୍ବାଚନରେ ନିୟୋଜିତ କର୍ମ.ରୀଙ୍କୁ ତାଲିମ୍ ପ୍ରଦାନ କରାଯାଉଛି । ଡମପଡ଼ା ବ୍ଲକର ଚର୍ଚ୍ଚିକା ସରକାରୀ ଉଚ୍ଚବିଦ୍ୟାଳୟ ଓ ବାଙ୍କୀ ବ୍ଲକର ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠ ପ୍ରାଙ୍ଗଣରେ ତାମିଲ୍ ପ୍ରଦାନ କରାଯାଉଛି । ଏହି ତାଲିମ ଶିବିରରେ ପ୍ରିଜାଇଡିଂ ଅଫିସର, ପ୍ରଥମ ପୋଲିଂ ଅଫିସର, ଦ୍ୱିତୀୟ, ତୃତୀୟ, ଚତୁର୍ଥ, ପଞ୍ଚମ ପୋଲିଂ ଅଫସରଙ୍କୁ ତାଲିମ୍ ପ୍ରଦାନ କରାଯାଉଛି । ବାଙ୍କୀ ବ୍ଲକର ୧୦୦ ଏବଂ ଡମପଡ଼ା ବ୍ଲକର ୧୦୦ଜଣ ସମୁଦାୟ ୨୦୦ଜଣ ନିର୍ବାଚନରେ ନିୟୋଜିତ କର୍ମ.ରୀ ଏହି ଶିବିରରେ ତାଲିମ୍ ନେଉଛନ୍ତି । ଡମପଡ଼ା ବ୍ଲକ ପକ୍ଷରୁ ପ୍ରଦାନ କରାଯାଉଥôବା ତାଲିମ୍ ଶିବିର ସରକାରୀ ଚର୍ଚ୍ଚିକା ଉଚ୍ଚବିଦ୍ୟାଳୟରେ ଡମପଡ଼ା ତହସିଲଦାର ସୁଚିସ୍ମିତା ଦାଏ, ବିଡିଓ ଅଂଶୁମାନ ଦାସ, ଏବିଡିଓ ସୁକାନ୍ତ ମହାନ୍ତି, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ ବେହେରା, ବିଏସ୍‌ଏସ୍‌ଓ ସଂଗ୍ରାମ ବେହେରା, ଏପିଓ ପ୍ରସନ୍ନ ପରିଡା, ବୈଷୟିକ ପରାମର୍ଶଦାତା ନିଶାମଣି ପ୍ରଧାନ, ଜେପିଓ ଲୋପମୁଦ୍ରା ନାୟକ ତାଲିମ୍ ପ୍ରଦାନ କରୁଛନ୍ତି । ସେହିପରି ବାଙ୍କୀ ବ୍ଲକ ପକ୍ଷରୁ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠରେ ଅନୁଷ୍ଠିତ ତାଲିମ୍ ଶିବିରରେ ବାଙ୍କୀ ତହସିଲଦାର ଅଶେଷ କୁମାର ନାୟକ, ବାଙ୍କୀ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସଂପଦ କୁମାର ସ୍ୱାଇଁ ତାଲିମ୍ ପ୍ରଦାନ କରିଥିଲେ । ବାଙ୍କୀ ବ୍ଲକ ବିଡିଓ ମନସ୍ୱିନୀ ଦାଶ ନିର୍ବାଚନରେ ନିୟୋଜିତ ସମସ୍ତ କର୍ମ.ରୀଙ୍କୁ ଶୃଙ୍ଖଳା ଓ ସାଧୁତାର ସହ ନିର୍ବାଚନ କାର୍ଯ୍ୟ ସଂପାଦନ କରିବା ପାଇଁ ପରାମର୍ଶ ପ୍ରଦାନ କରିଛନ୍ତି ।



ନିଶ୍ଚିନ୍ତକୋଇଲି



ବାଙ୍କୀ

